## ୭ ନୃତ୍ୟଶିଳ୍ପୀଙ୍କୁ 'ଦେବଦାସୀ ଓ ଶଶିମଣି ରାଷ୍ଟ୍ରୀୟ ସମ୍ମାନ'

ଭୁବନେଶ୍ୱର,୧୦।୧୨ (ସୌମ୍ୟରଞ୍ଜନ ରାଉତ)

ଦେବଦାସୀ ନୃତ୍ୟମନ୍ଦିର ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ୧୮ତମ ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ମହୋତ୍ସବ ଓ ନବ ପ୍ରତିଭା କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୁଚିପୁଡି ଭାରତନାଟ୍ୟମ୍, ଓଡ଼ିଶୀ, ସତ୍ରୀୟା ଭଳି ପ୍ରଖ୍ୟାତ ଶାସ୍ତ୍ରୀୟ ନୃତ୍ୟର ପ୍ରତିଷ୍ଠିତ ୭ଜଣ ନୃତ୍ୟଶିଳ୍ପୀଙ୍କୁ 'ଦେବଦାସୀ ରାଷ୍ଟ୍ରୀୟ ସମ୍ମାନ ଓ ଶଶିମଣି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଦେବଦାସୀ ନୃତ୍ୟମନ୍ଦିରର ପ୍ରତିଷ୍ଠାତା ଜଗବନ୍ଧୁ ଜେନାଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ମହାକାଳପଡ଼ା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଗଦାଧର ମହାପାତ୍ର, ଆୟକର ଉପାୟୁକ୍ତ ଦୁର୍ଗା ପ୍ରସାଦ ମହାପାତ୍ର,ଜାତୀୟ ମାନବାଧିକାର କମିଶନ କୋର ସଦସ୍ୟ ମନୋଜ ଜେନା, ଓଡିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟ ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଓଡିଶୀ ଗୁରୁ ଦେବମିତା ସାହୁ ଓ ନାୟିକା ନୀଳପଦ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଲିଙ୍ଗଗତ ହିଂସାକୁ ପ୍ରଶ୍ରୟ ଦିଆଯିବ ନାହିଁ'

### ରାଜ୍ୟସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ଅଭିଯାନ



ଲିଙ୍ଗଗତ ହିଂସା ବିରୋଧରେ ସଚେତନତା ଶୋଭାଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୧୦।୧୨ (ବନ୍ଦନା ସେଠୀ)

ଏକ ସଭ୍ୟ ସମାଜରେ ଲିଙ୍ଗଗତ ହିଂସାର କୌଣସି ସ୍ଥାନ ନାହିଁ। ରାଜ୍ୟର ୮୦ଲକ୍ଷ ମହିଳା 'ସୁଭଦ୍ରା' ସହ ଓ ୭୦ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡି ହୋଇଛନ୍ତି। ମହିଳାମାନେ ସବୁପ୍ରକାର ବୃତ୍ତିରେ ନିଜ ଦକ୍ଷତା ପ୍ରମାଣ କରିପାରିଛନ୍ତି। ତେବେ ସେମାନଙ୍କୁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। କୌଣସି କ୍ଷେତ୍ରରେ ବିକଶିତ ଓଡ଼ିଶାରେ ଲିଙ୍ଗଗତ ହିଂସାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମଙ୍ଗଳବାର ଶ୍ରୀୟାଛକଠାରେ ଲିଙ୍ଗଭିତ୍ତିକ ହିଂସା ବିରୋଧରେ ୧୬ଦିନିଆ ସଚେତନତା ଅଭିଯାନର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଯୋଗଦେଇ ମହିଳାଙ୍କ ସୁରକ୍ଷା ଓ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୟୁନାଇଟେଡ୍ ନ୍ୟାଶନାଲ୍ ପପୁଲେଶନ ଫଣ୍ଡ (ୟୁଏନ୍‌ଏଫ୍‌ପିଏ)ର ସହଭାଗିତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ଓ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇଥିଲେ। ଏହି ଅବସରରେ ଲିଙ୍ଗଗତ ହିଂସା ବିରୋଧରେ ଶପଥ ଗ୍ରହଣ କରାଯାଇଥିଲା। ପ୍ରାୟ ୧ହଜାର ମହିଳା ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ମାନବଶୃଙ୍ଖଳ ସହ ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏଥିସହ ବିଭିନ୍ନ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ଏକ ହୋଟେଲରେ ବ୍ଲକ ଚେନ୍ ପ୍ରଯୁକ୍ତି ବିଦ୍ୟା ଉପରେ ଆଧାରିତ 'ଶକ୍ତି ଆପ୍ଲିକେଶନ'କୁ ଉପମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ।

### 'ଶକ୍ତି ଆପ୍ଲିକେଶନ' ଲୋକାର୍ପିତ

ଏହି ଆପ୍ ଲିଙ୍ଗଗତ ହିଂସା ଦ୍ୱାରା ଶିକାର ହୋଇଥିବା ମହିଳାଙ୍କ ସମ୍ମାନକୁ ସୁରକ୍ଷା ଦେବା ସହ ସମାଜରେ ମହିଳାମାନଙ୍କୁ ଉଚିତ ସମ୍ମାନ ଯୋଗାଇଦେବ। ପୂର୍ବରୁ ପରୀକ୍ଷାମୂଳକଭାବେ ଏହି ଆପ୍ ରାଜ୍ୟର ୫ଟି ଜିଲାରେ କାର୍ଯ୍ୟକାରୀ କରାଯାଇଥିଲା। ଏବେ ଏହାକୁ ସାରା ରାଜ୍ୟରେ କାର୍ଯ୍ୟକାରୀ କରାଯିବ। ହିଂସାର ଶିକାର ହୋଇଥିବା ମହିଳାଙ୍କ ଗୋପନୀୟତା ରକ୍ଷା କରିବା ସହ ଏହି ଆପ୍ ଘଟଣାର ସବିଶେଷ ବିବରଣୀକୁ ସବୁଦିନ ପାଇଁ ସଂରକ୍ଷିତ କରି ରଖିବ। ଏହାଦ୍ୱାରା ମହିଳାମାନଙ୍କୁ ଘଟଣା ସମ୍ପର୍କରେ ବାରମ୍ବାର କହିବାକୁ ପଡିବ ନାହିଁ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ୟୁଏନଏଫ୍‌ପିଏ ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ ନୁର ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଖଦି ମେଳା ଉଦ୍‌ଘାଟିତ



ଖଦିମେଳାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ସୁରେଶ ପୂଜାରୀ, ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଖାରବେଳ ନଗରସ୍ଥିତ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଓଡ଼ିଶା ଖଦି ମେଳା ୨୦୨୪ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରଦର୍ଶନୀକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଖଦି ହେଉଛି ସ୍ୱଦେଶୀ, ସ୍ୱରାଜ ଓ ସ୍ୱାବଲମ୍ବନର ପ୍ରତୀକ। ଦାରିଦ୍ର୍ୟ ଦୂରୀକରଣ ଓ ସ୍ଥାନୀୟ ଅର୍ଥନୀତିକୁ ମଜଭୁତ କରିବାର ଏକ ଅମୋଘ ଅସ୍ତ୍ର।

### ୧୦୦ ଷ୍ଟଲ୍‌ରେ ସ୍ୱଦେଶୀ ସାମଗ୍ରୀ

ଏହାର ସଂରକ୍ଷଣ ଓ ବହୁଳ ପ୍ରଚାର ପ୍ରସାର ସହ ଖଦି ବୁଣାକାର ବନ୍ଧୁମାନଙ୍କୁ ଆର୍ଥିକଭାବେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ। ସପ୍ତାହରେ ଥରଟିଏ ଖଦି ପିନ୍ଧିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ମେଳା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଠାରେ ଖଦି ବସ୍ତ୍ର, ଶାଢି, ଶାଲ, ଜ୍ୟାକେଟ, ଗ୍ରାମୋଦ୍ୟୋଗ ସାମଗ୍ରୀ ଆଦି ବିକ୍ରି ହୋଇଥିବାବେଳେ ପ୍ରତ୍ୟେକ ଦିନ ୩ଟାରୁ ରାତି ୧୦ଟା ମଧ୍ୟରେ ଲୋକମାନେ ମନ ପସନ୍ଦର ସାମଗ୍ରୀ କିଣି ପାରିବେ। ଚଳିତଥର ମୋଟ ୧୦୦ଟି ଷ୍ଟଲ ଖୋଲାଯାଇଛି। ଏଥିମଧ୍ୟରେ ୩୨ଟି ଖଦି, ୬୩ଟି ଗ୍ରାମୋଦ୍ୟୋଗ ଓ ୫ଟି ଖାଦ୍ୟ ଷ୍ଟଲ ରହିଛି। ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଲାଇଭ୍ ପ୍ରଦର୍ଶନ ଷ୍ଟଲ କରାଯାଇଛି। ଏଥିରେ କାରିଗରମାନେ ତାଙ୍କ ହସ୍ତର ନିପୁଣତା ପ୍ରଦର୍ଶନ କରୁଛନ୍ତି। ଓଡ଼ିଶା ସହ ଝାଡ଼ଖଣ୍ଡ, ଜମ୍ମୁକାଶ୍ମୀର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଉତ୍ତର ପ୍ରଦେଶ ଆଦି ରାଜ୍ୟର ବୁଣାକାରମାନେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ସହ ଆସିଛନ୍ତି। ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପାରମ୍ପରିକ ଖାଦ୍ୟ ସହ ପ୍ରତି ସନ୍ଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଉତ୍ସବରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଖଦି ବୋର୍ଡର ସଚିବ ସଞ୍ଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ସାମୁଦ୍ରିକ ନୀତି ପ୍ରଣୟନ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ଏକ ପ୍ରଭାବୀ ତଥା ଫଳପ୍ରଦ ସାମୁଦ୍ରିକ ନୀତି ପ୍ରଣୟନ ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ନିର୍ଦ୍ଦେଶାଳୟ ଏବଂ ଆଇଆଇଟି ମାଡ୍ରାସସ୍ଥିତ ନ୍ୟାଶନାଲ ଟେକ୍ନୋଲୋଜି ସେଣ୍ଟର ଫର୍ ପୋର୍ଟସ୍, ୱାଟରୱେଜ୍ ଆଣ୍ଡ କୋଷ୍ଟସ୍(ଏନ୍‌ଟିସିପିଡବ୍ଲ୍ୟୁସି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ପ୍ରାଥମିକ ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଉପସ୍ଥିତ ରହି ଏକ ସମୃଦ୍ଧ ତଥା ଉପଯୋଗୀ ସାମୁଦ୍ରିକ ନୀତି ପ୍ରଣୟନ ଉପରେ ଓଡ଼ିଶାର ଅର୍ଥନୈତିକ ବିକାଶ ନିର୍ଭର କରେ ବୋଲି ମତ ରଖିଥିଲେ। ଏନ୍‌ଟିସିପିଡବ୍ଲ୍ୟୁସି ଡିନ୍ ପ୍ରଫେସର କଣ୍ଣରାଜ ମୁରଲୀ ଉପସ୍ଥିତ ରହି ଦୃଶ୍ୟଶ୍ରାବ୍ୟ ଉପସ୍ଥାପନା ମାଧ୍ୟମରେ ସାମୁଦ୍ରିକ ନୀତି ପ୍ରଣୟନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବୈଠକରେ ଉପସ୍ଥିତ ବିଭିନ୍ନ ଅଂଶୀଦାରଙ୍କ ନିକଟରୁ ମତାମତ, ପ୍ରସ୍ତାବ ଓ ପରାମର୍ଶ ଆମନ୍ତ୍ରଣ କରାଯାଇଥିଲା। ନୀତି ପ୍ରଣୟନ ବାବଦରେ ବିଭିନ୍ନ ସୂଚନା ଆଧାରରେ ଅଂଶୀଦାରମାନେ ମତାମତ ଦେବାକୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ବିଭାଗର ପଦାଧିକାରୀ, ପରିବହନ ତଥା ସାମୁଦ୍ରିକ ବାଣିଜ୍ୟ ବିଶେଷଜ୍ଞ, ବନ୍ଦର ପରିଚାଳକ ଏବଂ ବୋଟ୍ ମାଲିକ ସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଅସୁସ୍ଥ ବଣୁଆ ହାତୀକୁ କାବୁ କଲା ବନ ବିଭାଗ



ଆଠଗଡ଼,୧୦।୧୨(ସତ୍ୟପ୍ରସାଦ ରଥ)

କଟକ ଜିଲା ଆଠଗଡ ବନାଞ୍ଚଳ ଅନ୍ତର୍ଗତ ବୌଦା-ବନଖଣ୍ଡି ସଂରକ୍ଷିତ ଜଙ୍ଗଲ ଓ ଆଠଗଡ଼-ମୁଣ୍ଡଳୀ ରାସ୍ତାର କଇଥଛକ ନିକଟରେ ଉତ୍ପାତ କରୁଥିବା ଅସୁସ୍ଥ ଦନ୍ତା ହାତୀକୁ ବନ ବିଭାଗ ମଙ୍ଗଳବାର ଟ୍ରାଙ୍କୁଲାଇଜ କରି କାବୁ କରିଛି। ପରେ ଢେଙ୍କାନାଳ ଜିଲା କପିଳାସସ୍ଥିତ ବନ୍ୟପ୍ରାଣୀ ଚିକିତ୍ସାଳୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଆରମ୍ଭ ହୋଇଛି। ସୁଧାଂଶୁ ମୋହନ ଶବରସାହି ଓ ବୌଦା ଗ୍ରାମ ନିକଟରେ ପ୍ରାୟ ୩ଦିନ ଧରି ହାତୀଟି ଲୋକଙ୍କୁ ଆକ୍ରମଣ କରୁଥିଲା। ମଙ୍ଗଳବାର ସକାଳୁ ହାତୀଟି ପୁନର୍ବାର ଜନବସତି ଅଞ୍ଚଳକୁ ପଶିଆସିଥିବା ଖବରପାଇ ବନବିଭାଗ ଟିମ୍ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ହାତୀଟି ଜଣେ ମହିଳା କର୍ମଚାରୀଙ୍କୁ ଆକ୍ରମଣ କରିଥିଲା। ମାତ୍ର ଉପସ୍ଥିତ ଅନ୍ୟ କର୍ମଚାରୀ ଓ ଗ୍ରାମବାସୀଙ୍କ ଯୋଗୁ ସେ ରକ୍ଷା ପାଇଯାଇଥିଲେ। ମଧ୍ୟାହ୍ନରେ ହାତୀକୁ ଜଙ୍ଗଲ ମଧ୍ୟରେ ଟ୍ରାଙ୍କୁଲାଇଜ ଜରିଆରେ ନିସ୍ତେଜ କରାଯାଇଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦିତ୍ୟ



@ ରାମକୃଷ୍ଣ



@ ସୁଭଦ୍ରା



@ ପ୍ରିୟଙ୍କା



@ ନିରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଓଏଚ୍‌ଆର୍‌ସିରେ ପିଟିଶନ ଦାଏର

କଟକ,୧୦।୧୨ (କାର୍ତ୍ତିକ ସାହୁ)

### ଡ୍ରେନ୍ ନିର୍ମାଣବେଳେ ପାଚେରି ଭୁଶୁଡ଼ି ଶ୍ରମିକ ମୃତ୍ୟୁ ଘଟଣା

କଟକରେ ଡ୍ରେନ୍ ନିର୍ମାଣବେଳେ ପାଚେରି ଭୁଶୁଡି ଜଣେ ଶ୍ରମିକଙ୍କ ମୃତ୍ୟୁ ଓ ଅନ୍ୟ ଜଣେ ଗୁରୁତର ଆହତ ହେବା ଘଟଣାକୁ ନେଇ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଏଚ୍‌ଆର୍‌ସି)ରେ ମଙ୍ଗଳବାର ପିଟିଶନ ଦାଏର ହୋଇଛି। ସିଏମ୍‌ସି ପକ୍ଷରୁ କ୍ଷତିପୂରଣ ରାଶି ହିସାବରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଓ ଆହତଙ୍କୁ ୫ ଲକ୍ଷ ଟଙ୍କା ପ୍ରଦାନ ସହ ଆହତ ଜଣକ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ମେଡିକାଲ ଖର୍ଚ୍ଚ ବହନ କରିବା ନିମନ୍ତେ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ପିଟିଶନରେ ଉଲ୍ଲେଖ କରାଯାଇଛି ଯେ, କଟକ ବିଡ଼ାନାସୀ ନାୟକସାହିରେ ରବିବାର ଡ୍ରେନ୍ ନିର୍ମାଣବେଳେ ପାଚେରି ଭୁଶୁଡ଼ି ପଡିଥିଲା। ସିଏମ୍‌ସିର ଅବହେଳା ପାଇଁ ଏଭଳି ଦୁର୍ଘଟଣା ଘଟିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସରକାର ମଧ୍ୟ ଏଥିପାଇଁ ଦାୟୀ। ଡିସିପି ଉକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସ୍ଥିତି ସମ୍ପର୍କରେ ଜଣାଇବା ସହ ରିପୋର୍ଟ ଦେବା ନିମନ୍ତେ ସିଏମ୍‌ସି କମିଶନରଙ୍କୁ ଆଦେଶ ଦେବାକୁ ପ୍ରାର୍ଥନା କରାଯାଇଛି। ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, କଟକ ଜିଲାପାଳ, ସିଏମ୍‌ସି କମିଶନର, କଟକ ଡିସିପିଙ୍କୁ ପକ୍ଷଭୁକ୍ତ କରାଯାଇଛି। ହାଇକୋର୍ଟ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ଆବେଦନ କରାଯାଇଛି।

## ଛାତ୍ରଙ୍କୁ ନିର୍ଯାତନା ଘଟଣା, ଓଏଚ୍‌ଆର୍‌ସିରେ ଅଭିଯୋଗ

ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)

ଖଣ୍ଡଗିରି ଥାନା ଅଧୀନ ଏକ ଆବାସିକ ବିଦ୍ୟାଳୟରେ ଜଣେ ୬ଷ୍ଠ ଶ୍ରେଣୀ ଛାତ୍ରଙ୍କୁ ଉକ୍ତ ବିଦ୍ୟାଳୟର ଶିକ୍ଷକ ୯ମାସ ଧରି ଯୌନ ନିର୍ଯାତନା ଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ପୁରୀର ସଚେତନ ନାଗରିକ ମଞ୍ଚ ଆବାହକ ଆଇନଜୀବୀ ପ୍ରସନ୍ନ ଦାଶ ସୋମବାର ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ, ବିଦ୍ୟାଳୟ ମୁଖ୍ୟଙ୍କୁ ତଦନ୍ତ ପରିସରଭୁକ୍ତ, ପୀଡ଼ିତ ଛାତ୍ରଙ୍କ ପରିବାରକୁ ବିଦ୍ୟାଳୟ ପକ୍ଷରୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଏବଂ ଘଟଣାର ତଦନ୍ତ ରିପୋର୍ଟ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି। ଉକ୍ତ ବିଦ୍ୟାଳୟରେ ଛାତ୍ରଙ୍କୁ ଦୀର୍ଘଦିନ ଧରି ନିର୍ଯାତନା ଦେବା ଦ୍ୱାରା ସେ ମାନସିକସ୍ତରରେ ଭାଙ୍ଗିପଡିବା ସହ ପାଠପଢ଼ା ବ୍ୟାହତ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ବ୍ଲକ ଶିକ୍ଷାଧିକାରୀ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଫେରାର ହେବାରେ ସୁଯୋଗ ଦେଇଛନ୍ତି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହି ବିଦ୍ୟାଳୟ ବିରୋଧରେ ପୂର୍ବରୁ ମଧ୍ୟ ଏକାଧିକ ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ ରହିଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ନିବେଦନ କରାଯାଇଛି।




# ସୁରକ୍ଷିତ ସମୁଦ୍ର ସ୍ନାନ, ଆବର୍ଜନାମୁକ୍ତ ବେଳାଭୂମି ଉପରେ ଗୁରୁତ୍ୱ


ମହୋଦଧି ଦିବସ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ବୃନ୍ଦ ।


ସମୁଦ୍ରରେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରାଯାଉଛି ।

## ମହୋଦଧି ଦିବସ ପାଳନ ସହ ଅନ୍ତର୍ଜାତୀୟ ବିଚ୍ ଆଣ୍ଡ୍ ଓସେନ୍ ସ୍ପୋର୍ଟସ କାର୍ନିଭାଲ ଆରମ୍ଭ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରର ସ୍ୱର୍ଣ୍ଣାଭ ବେଳାଭୂମିରେ ମଙ୍ଗଳବାରଠାରୁ ମହୋଦଧି ଦିବସ ପାଳନ ସହ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ବିଚ୍ ଆଣ୍ଡ୍ ଓସେନ୍ ସ୍ପୋର୍ଟସ୍ କାର୍ନିଭାଲ ଆରମ୍ଭ ହୋଇଛି। ଏହା ୩ଦିନ ଧରି ଚାଲିବ। ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ରୋମାଞ୍ଚକର ଅନୁଭୂତି ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବାବେଳେ ଏଥିରେ ସାମୁଦ୍ରିକ ଜଳକ୍ରୀଡ଼ା ସମେତ ସହ ସାଂସ୍କୃତିକ ବିଚିତ୍ରା ପ୍ରଦର୍ଶନ ହେବ। ୧୦ଟି ଦେଶରୁ ୩୫ ଜଣ ପ୍ରତିନିଧି ଏଥିରେ ଭାଗ ନେଇଥିବାବେଳେ ସୁରକ୍ଷିତ ସମୁଦ୍ର ସ୍ନାନ ଓ ଆବର୍ଜନାମୁକ୍ତ ବେଳାଭୂମି ଉପରେ ଗୁରୁତ୍ୱ ଦିଆଯାଇଛି। ଅବସରପ୍ରାପ୍ତ ଆଡ୍‌ମିରାଲ ତଥା ରାଷ୍ଟ୍ରୀୟ ଲାଇଫ ସେଭିଂ ସୋସାଇଟି ସଭାପତି ପି. ଡି. ଶର୍ମା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ କାର୍ଯ୍ୟକାରୀ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା କମିଟି ମୁଖ୍ୟ ପୃଷ୍ଠପୋଷକ ତପନ କୁମାର ଚାନ୍ଦ, ଏନ୍‌ଟିପିସି, ଏମ୍‌ସିଏଲ୍ ଏବଂ କୋଲ ଇଣ୍ଡିଆର ପୂର୍ବତନ ନିର୍ଦ୍ଦେଶକ ଆଡଭୋକେଟ କୁଳମଣି ବିଶ୍ୱାଳ ଯୋଗଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପରିବର୍ତ୍ତନ ଓଡ଼ିଶାର ଚେୟାରମ୍ୟାନ୍ ଜିତେନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନ 'ଦି ବେଲ୍' ଅଧକ୍ଷ ସିଦ୍ଧାର୍ଥ ରାୟ ଉତ୍ସବରେ ଯୋଗଦେଇ ୨୦୨୫ରେ ଏସିଆ ପାସିଫିକ୍ ଆୟୋଜନ କରିବା ଅନୁଷ୍ଠାନର ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ସେବାୟତ ଗଣେଶ୍ୱର ମହାପାତ୍ର, ହରେକୃଷ୍ଣ ସିଂହାରି, ରବିନାରାୟଣ ପୂଜାପଣ୍ଡା, ନାରାୟଣ ଗୋଛିକାର ଓ ଶ୍ୟାମସୁନ୍ଦର ମହାପାତ୍ର ମଶାଲରେ ଅଗ୍ନି ସଂଯୋଗ କରି ଖେଳ ଓ ଫ୍ଲାଗ ହୋଷ୍ଟିଂର ଶୁଭାରମ୍ଭ କରିଥିଲେ। ପଣ୍ଡିତ ଗୋପାଳ ଚନ୍ଦ୍ର ମହାପାତ୍ର, ଶ୍ରୀକାନ୍ତ ମହାପାତ୍ର ଓ ତାଙ୍କ ଶିଷ୍ୟମାନେ ବେଦପାଠ କରିଥିଲେ। ବିଭିନ୍ନ ପ୍ରକାର ବିଚ୍ ଓ ଓସେନ୍ ସ୍ପୋର୍ଟସ ସହିତ ଆର୍ଟ ଗ୍ୟାଲେରୀ ଏହି ଉତ୍ସବର ମୁଖ୍ୟ ଆକର୍ଷଣ ସାଜିଛି। କାର୍ଯ୍ୟକ୍ରମରେ ୧୦ଟି ଦେଶରୁ ୩୫ ଜଣ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସହ ମୋଟ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଭାରତର ଉପକୂଳ କ୍ଷେତ୍ରରେ ପର୍ଯ୍ୟଟନ ଓ ପରିବେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଅନ୍ୟତମ ଲକ୍ଷ୍ୟ। ବିଚ୍ ୱାଟର ସ୍ପୋର୍ଟସ୍ ପ୍ରତିଯୋଗିତା ସହିତ ଫୁଡ୍ କୋର୍ଟ, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଛି। ଏହି ଅବସରରେ ମୁଖ୍ୟ ଆକର୍ଷଣ ରହିଛି ଇଣ୍ଡୋ-ଶ୍ରୀଲଙ୍କା ଲାଇଫ୍ ସେଭିଂ ସ୍ପୋର୍ଟସ ଚାମ୍ପିଅନଶିପ୍। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା କାଏ କିଁ ରାଲି। ବିଭିନ୍ନ ଦେଶରୁ ଆସିଥିବା କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତାରେ ଭାଗ ନେଇ ଖୁସି ବ୍ୟକ୍ତ କରିଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ବଡି ବିଲ୍ଡିଂ ଅନୁଷ୍ଠିତ ହୋଇଥିଲା।

# ଟାଙ୍କି ଅଛି, ପିଇବା ପାଣି ନାହିଁ

ଯୋଗେଶ୍ୱରପୁର,୧୦।୧୨(ରଶ୍ମିରଞ୍ଜନ ସାହୁ)



ବସୁଧା ଯୋଜନାରେ ଗ୍ରାମାଞ୍ଚଳ ଲୋକଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ପୂର୍ବ ସରକାର ସମୟରେ ବିଭିନ୍ନ ପଞ୍ଚାୟତରେ ପାଣିଟାଙ୍କି ନିର୍ମାଣ କରାଯାଇଥିଲା। ବିଭିନ୍ନ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥିବାବେଳେ ସୁଆଣ୍ଡପୁର ପଞ୍ଚାୟତର ଏକ ଗ୍ରାମରେ ବର୍ଷେ ହେବ ପାଣିଟାଙ୍କି ନିର୍ମାଣ ହୋଇ ପଡ଼ିରହିଛି। ଫଳରେ ପାଚେରି ପମ୍ପ୍ ହାଉସ୍ ନ ଥିବାବେଳେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ। ସୁଆଣ୍ଡପୁର, ପାତ୍ରସାହି, ମହାରଣା ସାହି, ବାରିକ ସାହି ଓ ଡମ ସାହିରେ ପାଇପ୍ ବିଛା ସରିଥିବାବେଳେ କେବଳ ଠିକାଦାର ପାଣିଟାଙ୍କି ନିର୍ମାଣ କରି ବସି ପଡ଼ିଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ୫ଟି ଗ୍ରାମ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେବ। ବର୍ତ୍ତମାନ ସରକାର ସମୟରେ ଟାଙ୍କିକାର୍ଯ୍ୟ ପୂରଣ କରିବାରେ ବିଫଳ ହେଉଥିବା ଗ୍ରାମବାସୀ ସନାତନ ମହାରଣା, ରାମ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ପାଣିଟାଙ୍କି କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# ମହାକୁମ୍ଭ ଉପଲକ୍ଷେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ


ଖବରଦାତା ସମ୍ମିଳନୀରେ ଆଇଆର୍‌ସିଟିସି ଅଧିକାରୀ ସୂଚନା ଦେଉଛନ୍ତି।

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟୁରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି) ଲିମିଟେଡ୍ ପକ୍ଷରୁ ମହାକୁମ୍ଭ ଉପଲକ୍ଷେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ଏନେଇ ମଙ୍ଗଳବାର ପୁରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆର୍‌ସିଟିସି ଆଞ୍ଚଳିକ ନିର୍ଦ୍ଦେଶକ ଅନୁଜ ଦତ୍ତ ଓ ଯୁଗ୍ମସାଧାରଣ ପରିଚାଳକ ଡା. କ୍ରାନ୍ତି ପି. ସାବରକର ପ୍ରମୁଖ ଯୋଗଦେଇ କହିଥିଲେ, ମହାକୁମ୍ଭ ଉପଲକ୍ଷେ ଭାରତ ଗୌରବ ପର୍ଯ୍ୟଟନ ଟ୍ରେନ ନାମକ ସ୍ୱତନ୍ତ୍ର ଟ୍ରେନ୍ ବାରାଣସୀ, ପ୍ରୟାଗରାଜ ଏବଂ ଅଯୋଧ୍ୟା ଯିବ। ଓଡ଼ିଶାର ପୁରୀରୁ ଏହି ସ୍ୱତନ୍ତ୍ର ଟ୍ରେନ୍ ଆସନ୍ତା ଜାନୁଆରୀ ୨୩ରୁ ବାହାରି ୨୯ ତାରିଖରେ ଫେରିବ। ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ଆଇଆର୍‌ସିଟିସି ୱେବ୍‌ସାଇଟ୍ ଯୋଗେ ଅନ୍‌ଲାଇନ ବୁକିଂ କରିପାରିବେ। ପୁରୀ, ଖୋର୍ଦ୍ଧାରୋଡ୍, ଭୁବନେଶ୍ୱର, କଟକ, ଭଦ୍ରକ, ବାଲେଶ୍ୱର, ହିଜିଲି ଓ ଟାଟାନଗରରେ ଯାତ୍ରୀ ଚଢିବେ ଏବଂ ଓହ୍ଲାଇବେ। ଏହି ପ୍ୟାକେଜରେ ଆରାମଦାୟକ ରେଳ ଟିକେଟ, ନିରାମିଷ ଭୋଜନ ସହ ବାରଣାସୀ ଓ ପ୍ରୟାଗରାଜରେ ରହଣି ବ୍ୟବସ୍ଥା କରାଯାଇଛି। ଆଇଆର୍‌ସିଟିସି ତରଫରୁ ଏଭଳି କମ୍ପ୍ଲିଟ ପ୍ୟାକେଜର ଘୋଷଣା ହୋଇଛି। ଟ୍ରେନରେ ଥିବା ୭୦୨ ସିଟ୍ ମଧ୍ୟରୁ ସ୍ଲିପର କ୍ଲାସ ପାଇଁ ୧୦ଟି ବଗିରେ ୬୪୮ ସିଟ୍ ଅଛି। ପ୍ୟାକେଜର ମୂଲ୍ୟ ରହିଛି ୨୦ ହଜାର ୯୦୫ ଟଙ୍କା। ସେହିପରି ଏସି-୩ ଟାୟାର ପାଇଁ ୫୪ ସିଟ୍ ବ୍ୟବସ୍ଥା ହୋଇଛି। ପ୍ୟାକେଜ୍ ମୂଲ୍ୟ ୨୮ ହଜାର ୩୦୫ ଟଙ୍କା। ବାରାଣସୀରେ କାଶୀ ବିଶ୍ୱନାଥ, ପ୍ରୟାଗରାଜରେ କୁମ୍ଭମେଳା ଏବଂ ଅଯୋଧ୍ୟା ରାମମନ୍ଦିର ଦର୍ଶନ କରିବାର ବ୍ୟବସ୍ଥା ରହିଛି। ଅନ୍‌ଲାଇନ ଏବଂ ଅଫ୍‌ଲାଇନ୍ ବୁକିଂ ବ୍ୟବସ୍ଥା ସହ ୩୩ ପ୍ରତିଶତ ରିହାତି ମୂଲ୍ୟ ରଖାଯାଇଛି, ଯାହାର ସୁବିଧା ଶ୍ରଦ୍ଧାଳୁ ନେଇପାରିବେ। ପ୍ରୟାଗରାଜରେ ମହାକୁମ୍ଭ ସ୍ଥାନରେ ଆଇଆର୍‌ସିଟିସି ପକ୍ଷରୁ ଟେଣ୍ଟ ବ୍ୟବସ୍ଥା କରାଯାଇଛି। ଟ୍ରେନ୍‌ର ସମସ୍ତ ସିଟ୍ ଯଦି ପୂର୍ଣ୍ଣ ହେବ ତେବେ ଫେବୃଆରୀରେ ଆଉ ଏକ ଟ୍ରେନ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧୨।୨୦୨୪

| ୩,୫୬,୪୩୦ ଟଙ୍କା | |
| --- | --- |
| ସୁନା | ୧.୯୫୦ ଗ୍ରାମ୍ |
| ରୁପା | ୯୦.୫୦୦ ଗ୍ରାମ୍ |

# ବିଶ୍ୱ ମାନବାଧିକାର ଦିବସରେ ୧୫୦ ପ୍ରତିଭା ସମ୍ବର୍ଦ୍ଧିତ



ଅତିଥିମାନଙ୍କ ଗହଣରେ ପୁରସ୍କୃତ କୃତୀ ଛାତ୍ରୀଛାତ୍ର।

ନିମାପଡ଼ା,୧୦।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଜାତୀୟ ମାନବାଧିକାର ସାମାଜିକ ନ୍ୟାୟ ପରିଷଦ ଓଡ଼ିଶା ଶାଖା ପକ୍ଷରୁ ନିମାପଡ଼ାସ୍ଥିତ ଭେଙ୍କଟେଶ୍ୱର ସ୍କୁଲଠାରେ ମଙ୍ଗଳବାର ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମୃତ୍ୟୁଞ୍ଜୟ ଦାଶ, ଶିକ୍ଷାବିତ୍ ନିର୍ମଳ ମିଶ୍ର, କ୍ରୀଡ଼ାବିତ୍ ଶ୍ୱେତପର୍ଣ୍ଣା ରାୟ ମହାପାତ୍ର, ସାମାଜିକ କର୍ମୀ କସ୍ତୁରୀବାଳା ସ୍ୱାଇଁ, ପଦ୍ମଚରଣ ସାହୁ, ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ଜାତୀୟ ମାନବାଧିକାର ପରିଷଦ ଅଧ୍ୟକ୍ଷା ସ୍ୱର୍ଣ୍ଣମୟୀ ରାଉତ, ରାଜ୍ୟ ସଭାପତି ବାସୁଦେବ ସେଠୀ, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ନାୟକ, ସମ୍ପାଦକ ନୃସିଂହ ଚରଣ ମାନସିଂ, ଜିଲା ମହିଳା ସଭାପତି ଜୟଶ୍ରୀ ପାତ୍ର ପ୍ରମୁଖ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ, ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାନବାଧିକାର ସମ୍ପର୍କରେ ସମସ୍ତ ଜନସାଧାରଣଙ୍କୁ ସଚେତନ କରିବା, ସାଧାରଣ ପଛୁଆ ବର୍ଗର ଲୋକଙ୍କୁ ମାନବାଧିକାର ନ୍ୟାୟ ପ୍ରଦାନ ସମ୍ପର୍କରେ ଅବଗତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହିଅବସରରେ ଅନୁଷ୍ଠାନ ପକ୍ଷରୁ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନୃତ୍ୟ, ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ବହୁ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି, ପରିବେଶବିତ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମେତ ପ୍ରାୟ ୧୫୦ ଜଣ କୃତୀ ପ୍ରତିଭାଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର କୁନି କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନଦୀଜଳ ଗୁଣାତ୍ମକ ମାନ ଯାଞ୍ଚ

ଅସ୍ତରଙ୍ଗ,୧୦।୧୨
(ପ୍ରଦୀପ୍ତ କୁମାର ଦୀକ୍ଷିତ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶରେ କୋଷ୍ଟାଲ ମ୍ୟାନେଜ୍‌ମେଣ୍ଟ ସେଲ (ଆଇସିଜେଏମ୍‌ପି ଓ ଏସ୍‌ପିସିବି)ର ୪ ଜଣିଆ ଟିମ୍ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ପରିଦର୍ଶନ ସହ ଦେବୀନଦୀ ଶାଖାନଦୀ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ନାନପୁର, କେଲୁଣୀ ମୁହାଣ, ଦେବୀନଦୀ, ନଗର, ନୂଆଗଡ଼ ଜେଟି ଅଞ୍ଚଳ ପରିଦର୍ଶନ କରିଥିଲେ। ମୁଖ୍ୟତଃ ଚିଙ୍ଗୁଡ଼ିଘେରିରୁ ନିର୍ଗତ ବିଷାକ୍ତ ଜଳ ନଦୀକୁ ପ୍ରଦୂଷଣ କରୁଛି। ଏହାସହ ବିଭାଗୀୟ ଅଧିକାରୀ ନଦୀର ଜଳ ଗୁଣାତ୍ମକ ମାନକୁ ବୋର୍ଡ ଦ୍ୱାରା ଯାଞ୍ଚ କରାଯାଇଥିଲା। ଯଥା ସମ୍ଭବ ପ୍ରଦୂଷଣକୁ ହ୍ରାସ କରାଇବାକୁ କାର୍ଯ୍ୟ ଜାରି ରହିଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ କହିଛନ୍ତି। ଏହି ଟିମ୍‌ରେ କନିଷ୍ଠ ଗବେଷକ ମଳୟ ରଞ୍ଜନ ମଲ୍ଲିକ, ଲ୍ୟାବ୍ ଟେକ୍ନିସିଆନ ନିରଞ୍ଜନ ଦାଶ ପ୍ରମୁଖ ସାମିଲ ଥିଲେ।

## ନୂତନ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

କଣାସ,୧୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ତହସିଲଦାର ଭାବେ ମଙ୍ଗଳବାର ହିମାଂଶୁ ଶେଖର ଗିରି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ପୂର୍ବରୁ ବାଲେଶ୍ୱର ଜିଲା ଭୋଗରାଇ ତହସିଲରେ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। କଣାସ କାର୍ଯ୍ୟ କରୁଥିବା ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ସତ୍ୟବାଦୀ ତହସିଲକୁ ବଦଳି ପରେ ମାସେ ପର୍ଯ୍ୟନ୍ତ ଏହି ପଦବୀ ଖାଲି ପଡ଼ିଥିଲା।

## ଏସ୍‌ସିଏସ୍ କଲେଜ ରନର୍ସଅପ୍
### ଆନ୍ତଃମହାବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତା

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆନ୍ତଃ ମହାବିଦ୍ୟାଳୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୁଷ ବିଭାଗ ହ୍ୟାଣ୍ଡବଲ ବିଭାଗରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ରନର୍ସ ଅପ୍ ହୋଇଛି। ଅଧ୍ୟକ୍ଷ ପ୍ରଫେସର ମିହିର ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡମେନିଷ୍ଟ୍ରିଭ୍ ବୁର୍ସର୍ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଓ କ୍ରୀଡା ସଂସଦ ଉପସଭାପତି ଡ. ପି.କେ. ତ୍ରିପାଠୀ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଂଜିତ ମିଶ୍ର ପରିଚାଳନା କରିଥିଲେ।

# 'ସାଇକେଲ ଚାଳନା ପ୍ରତି ଲୋକଙ୍କ ଆଗ୍ରହ ରହିଛି'

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଷ୍ଟର୍ଲିଂ ଛକଠାରେ ଚାଲିଥିବା ୪ ଦିନିଆ ୨୯ତମ ଜାତୀୟ ସାଇକ୍ଲିଂ ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କହିଥିଲେ, ସାଇକେଲ ଚାଳନା ଶରୀରକୁ ସୁସ୍ଥ ରଖିବା ସହ ପରିବେଶ ସୁରକ୍ଷାରେ ସହାୟକ ହୋଇଥାଏ। ପ୍ରାୟ ୫୪ ବର୍ଷ ପରେ ପୁରୀରେ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ଆୟୋଜନ ହେବା ଆନନ୍ଦର କଥା। ଏହା ଫଳରେ ଓଡ଼ିଶାର ସାଇକେଲ ଚାଳନାରେ ରୁଚି ବୃଦ୍ଧି ପାଇବ। ସଫଳ ଆୟୋଜନ ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ପୁଣି ଏକ ବଡ଼ ଇଭେଣ୍ଟର ଆୟୋଜନ କରାଯିବ ବୋଲି ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜାତୀୟ ସାଇକ୍ଲିଂ ଆସୋସିଏଶନ ସମ୍ପାଦକ ମନିନ୍ଦର ପାଲ ସିଂ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପୌଲ, ଓଡିଶା ସାଇକ୍ଲିଂ ଆସୋସିଏଶନ ସଭାପତି ମିନତି ମହାପାତ୍ର, ସମ୍ପାଦକ ପ୍ରସନ୍ନ ରାଉତ ପ୍ରମୁଖ ଯୋଗଦେଇ ସାଇକ୍ଲିଂ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବା ସହ ଏଭଳି ପ୍ରତିଯୋଗିତା ସେମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ମତ ଦେଇଥିଲେ। ଅତିଥିମାନେ ଶ୍ରେଷ୍ଠ କ୍ରୀଡ଼ାବିତ୍ ଓ ଦଳକୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ଅଫିସ ଆଗରେ ସିପିଆଇର ବିକ୍ଷୋଭ

ପୁରୀ,୧୦।୧୨(ଅଜିତ୍ କୁମାର ମହାନ୍ତି)

ବିଭିନ୍ନ ଦାବି ନେଇ ସିପିଆଇ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୋଭାଯାତ୍ରା ମୋଚିସାହି ଛକରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିକ୍ଷୋଭ ଓ ପ୍ରତିବାଦ ସଭା ହୋଇଥିଲା। ଆନ୍ଦୋଳନରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଜିଲା ସହସମ୍ପାଦକ ହରିହର ସେନାପତି, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାନ୍ତି, ବନମାଳି ସାହୁ, ଡାକ୍ତର ପ୍ରଫୁଲ୍ଲ ମହାପାତ୍ର, ଗୋଲଖ ଚନ୍ଦ୍ର ନାୟକ, ସୁରେଶ ବିଶ୍ୱାଳ, ଗୋପାଳ ପ୍ରଧାନ, ତୁଷାରକାନ୍ତ ନାୟକ, ଦେବେନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ପାର୍ଟି ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ଯୋଗୁ ସାଧାରଣ ଜୀବନ ଧାରଣ ଦୁର୍ବିସହ ହୋଇପଡ଼ିଲାଣି। ଅବିଳମ୍ବେ ଦର ବୃଦ୍ଧି ବନ୍ଦ କରାଯାଉ। ଓଡ଼ିଶାର ଇଷ୍ଟକୋଷ୍ଟ ରେଳବାଇ ଜୋନକୁ ବିଭାଜନ କରି ଏହାର ଏକ ଅଂଶ ବାହାର କରିଦିଆଯାଇଛି। ତୁରନ୍ତ ଇଷ୍ଟକୋଷ୍ଟ ଜୋନ ବିଭାଜନ ବନ୍ଦ କରାଯାଉ। ରାଉରକେଲାରେ ନୂତନ ରେଳ ଡିଭିଜନ, ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ସହ ଏହାକୁ ଇଷ୍ଟକୋଷ୍ଟ ରେଳବାଇ ଜୋନରେ ସାମିଲ କରାଯାଉ। ଓଡ଼ିଶାରେ ଇଲେକ୍ଟ୍ରିକ ରେଳ ଲୋକୋମୋଟିଭ୍ କାରଖାନା, ରେଳଡବା ନିର୍ମାଣ କାରଖାନା ପ୍ରତିଷ୍ଠା କରାଯିବା ସହ ଗୌତମ ଆଦାନୀଙ୍କୁ ଗିରଫ ଓ କମ୍ପାନୀ ସମ୍ପର୍କରେ ଜେପିସି ତଦନ୍ତ ଦାବି କରାଯାଇଛି।

# ପିପିଲି ବଜାର ଦେଇ ବସ୍ ଚଳାଚଳ କରାଇଲା ପରିବହନ ବିଭାଗ

ପିପିଲି,୧୦।୧୨(ଦୁର୍ଗାମାଧବ ମିଶ୍ର)

## ୩୫ ହଜାର ଟଙ୍କା କଟାଗଲା ଚାଲାଣ

ପରିବହନ ବିଭାଗ ପକ୍ଷରୁ ପରିବହନ ବିଭାଗ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର ଏବଂ ସହକାରୀ ମୋଟରଯାନ ନିରୀକ୍ଷକ ଅମିତ୍ କୁମାର ରଣାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପିପିଲି ବଜାର ଦେଇ ବସ୍ ଚଳାଚଳ ହୋଇଛି। ପିପିଲି ପୋଲିସ ଉପସ୍ଥିତିରେ ପିପିଲି ବଜାରର ପ୍ରବେଶ ପଥରେ ଠିଆ ହୋଇ ବସ୍‌ଗୁଡ଼ିକୁ ଅଟକାଇଥିଲେ। ଯେଉଁ ବସ୍‌ଗୁଡ଼ିକ ପରିବହନ ବିଭାଗ ଏବଂ ପୋଲିସର ଆଦେଶକୁ ନ ମାନି ବାଇପାସ୍ ଦେଇ ଯାତାୟାତ କରୁଥିଲା, ସେମାନଙ୍କ ଚାଲାଣ କଟାଯାଇଥିଲା। ମୋଟରେ ବସ୍‌ଗୁଡ଼ିକଠାରୁ ୩୫ ହଜାର ଟଙ୍କା ଅନ୍‌ଲାଇନ ଚାଲାଣ କରାଯାଇଥିବା ଜଣାପଡ଼ିଛି। ତେବେ ପ୍ରଥମ ଗାଡ଼ିଗୁଡ଼ିକଠାରୁ ଫାଇନ୍ କଟିବା ପରେ ଅନ୍ୟ ଗାଡ଼ିଗୁଡ଼ିକ ପିପିଲି ବଜାର ଦେଇ ପୁରୀ ଏବଂ ନିମାପଡ଼ା ଅଭିମୁଖେ ଯାତାୟାତ କରିଥିଲା।
ପିପିଲି ବଜାର ଦେଇ ପୁରୀ, କୋଣାର୍କ, ଗୋପ, କାକଟପୁର, ଅସ୍ତରଙ୍ଗ, ନିମାପଡ଼ା ଅଞ୍ଚଳକୁ ପରମିଟ୍ ଥାଇ ବସ୍ ନ ଯିବା ଘଟଣାରେ ସୋମବାର ଦାଣ୍ଡମୁକୁନ୍ଦପୁର ଗ୍ରାମର ସାମାଜିକ କର୍ମୀ ସୁରେନ୍ଦ୍ର ବେହେରା ବସ୍‌ଗୁଡ଼ିକୁ ପିପିଲି ବଜାର ଦେଇ ଯାତାୟାତ କରିବା ପାଇଁ କହିଥିଲେ। ତେବେ କୌଣସି ବସ୍ ଏହାକୁ ନ ମାନି ବାଇପାସ୍‌ରେ ଯାତାୟାତ କରିଥିଲେ। ଏହାକୁ ନେଇ ସୁରେନ୍ଦ୍ର ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଥାନା ଅଧିକାରୀ ପୁରୀ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ମଙ୍ଗଳବାର ପିପିଲି ବଜାର ଦେଇ ବସ୍ ଚଳାଚଳ କରିଛି।


ପରିବହନ ବିଭାଗ ପକ୍ଷରୁ ଏକ ବସ୍‌କୁ ଅଟକାଇ ତାଗିଦା କରାଯାଉଛି ।

# ଭତ୍ତା ବୃଦ୍ଧି ଦାବିରେ ବିକ୍ଷୋଭ, ବିଧାୟକଙ୍କୁ ଘେରାଉ

ପିପିଲି,୧୦।୧୨(ଦୁର୍ଗାମାଧବ ମିଶ୍ର/
ପ୍ରଭାତ କୁମାର ମହାପାତ୍ର)

ଭତ୍ତା ବୃଦ୍ଧି ଦାବି ନେଇ ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପିପିଲି ବ୍ଲକ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛି। ସଂଘର ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ପିପିଲି ବ୍ଲକର ଶତାଧିକ ବୃଦ୍ଧା, ବୃଦ୍ଧ, ଦିବ୍ୟାଙ୍ଗ, ବିଧବା, କଳାକାର, ଅସହାୟ ବର୍ଗର ଭତ୍ତା ହିତାଧିକାରୀ ଏଥିରେ ସାମିଲ ହୋଇଥିଲେ। ଭାଜପା ସରକାର ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରି ଭତ୍ତା ରାଶି ୩ ହଜାରରୁ ୩ ହଜାର ୫୦୦ ଟଙ୍କା କରିବାକୁ ଦାବି କରିଥିଲେ। ବିଧାନସଭାରେ ବିଧାୟକ ତାଙ୍କ ଦରମା ୧ ଲକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ବ୍ୟସ୍ତ ହେଉଥିବାବେଳେ ସରକାର ଭିନ୍ନକ୍ଷମଙ୍କୁ ଦେଇଥିବା ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଥିଲେ।


ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଗୋଟେପଟେ ପିପିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟକ ଆଶ୍ରିତ ପଟ୍ଟନାୟକ ନୂତନ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ କରୁଥିବାବେଳେ ଅନ୍ୟପଟେ ଭତ୍ତା ବୃଦ୍ଧି ନେଇ ବ୍ଲକ ସମ୍ମୁଖରେ ଆନ୍ଦୋଳନ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲା। ଭତ୍ତା ପ୍ରଦାନ ସାରି ବିଧାୟକ ପଟ୍ଟନାୟକ ଆନ୍ଦୋଳନସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଭତ୍ତା ବୃଦ୍ଧି ନ କରି ବିଧାୟକମାନେ ସେମାନଙ୍କ ଦରମା ବୃଦ୍ଧି ବିଧାନସଭାରେ ଉପସ୍ଥାପନ କରି ବୟସ୍କ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କୁ ରାଜରାସ୍ତାରେ ବସାଇଛନ୍ତି ବୋଲି ସଙ୍ଗଠନ ସମ୍ପାଦକ ବିଷ୍ଣୁ ପ୍ରସାଦ ଦାସ କଟାକ୍ଷ କରି କହିଥିଲେ। ରାଜ୍ୟ ସରକାର ଦେଇଥିବା ପ୍ରତିଶ୍ରୁତି ତୁରନ୍ତ ପାଳନ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି ହୋଇଥିଲା। ଦାବି ପୂରଣ ନ ହେଲେ ଆସନ୍ତା ୧୭ ତାରିଖରେ ବିଧାନସଭା ଘେରାଉ କରାଯିବା ସହ ଆନ୍ଦୋଳନ କରିବାକୁ ସଭାପତି ବିଦ୍ୟାଧର ମହାନ୍ତି କହିଛନ୍ତି। ପିପିଲି ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଆନ୍ଦୋଳନକୁ ସମର୍ଥନ ଜଣାଇ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଉପରେ ବର୍ଷିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ଏକ ଦାବିପତ୍ର ପିପିଲି ବିଡିଓ ସରୋଜ କୁମାର ରାଉତଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଗୋକୁଳାନନ୍ଦ ମହାପାତ୍ର ସାମିଲ ହୋଇଥିବାବେଳେ ପୁରୀ ଜିଲା ସଭାପତି ସଏଦ୍ ଆଜାଦ ଅଲ୍ଲୀ, ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ଦାସ, ଉପଦେଷ୍ଟା ରବୀନ୍ଦ୍ର ସ୍ୱାଇଁ, ଗନ୍ଧର୍ବ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ୩ ଦିନରେ ୪ ଡିଗ୍ରୀ କମିବ ତାପମାତ୍ରା

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ରାଜ୍ୟରେ କିଛି ଜିଲାରେ ମଙ୍ଗଳବାର ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି। ବୁଧବାର ମଧ୍ୟ କିଛି ଜିଲାରେ ହାଲୁକା ବର୍ଷା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୩ ଦିନ ମଧ୍ୟରେ ରାତି ତାପମାତ୍ରା ୨ ରୁ ୪ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ। ସେହିପରି ସୁନ୍ଦରଗଡ଼, କେନ୍ଦୁଝର, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଝାରସୁଗୁଡ଼ା, କଳାହାଣ୍ଡି ଓ କନ୍ଧମାଳ ଆଦି ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। ତେବେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ସର୍ବନିମ୍ନ ତାପମାତ୍ରା କେନ୍ଦୁଝରଗଡ଼ରେ ୧୫.୨ ଡିଗ୍ରୀ ସେଲସିୟସ୍ ରହିଥିଲା।

# ଟ୍ରାଞ୍ଜିଟ୍ ହାଉସ୍‌ରେ ଯୋଗ୍ୟ, ଆବାସ ହାତେଇଛନ୍ତି ଅଯୋଗ୍ୟ

### ବସ୍ତି ବାସିନ୍ଦାଙ୍କୁ ଘର ବାଣ୍ଟିବା ନାଁରେ ବ୍ୟାପକ ଜାଲିଆତି

ଭୁବନେଶ୍ୱର,୧୦।୧୨(ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ବସ୍ତିଗୁଡ଼ିକରେ ରହୁଥିବା ଭୂମିହୀନ ତଥା ଗରିବ ଲୋକଙ୍କୁ ଆବାସ ଯୋଜନାରେ ଘର ଯୋଗାଇବା ନାମରେ ବ୍ୟାପକ ଜାଲିଆତି ହୋଇଥିବା ନେଇ ପୁଣି ଅଭିଯୋଗ ହୋଇଛି। କୌଣସି ବସ୍ତିରେ ନ ରହି ନିଜ ସହ ସମ୍ପର୍କୀୟଙ୍କ ନାମରେ ଆବାସ ହଡ଼ପ କରାଯାଇଛି। ବିଏମ୍‌ସିର ୱାର୍ଡ ନଂ. ୧୬, ୨୦ ଏବଂ ୨୧ର ଅଧିବାସୀ ବୋଲି ନିଜକୁ ଦର୍ଶାଇ ବିଏମ୍‌ସି, ବିଡିଏ ଅଧିକାରୀ ଓ କର୍ପୋରେଟରଙ୍କ ସହଯୋଗରେ ୱାର୍ଡ ନଂ. ୧୪ ଅନ୍ତର୍ଗତ ବୁଦ୍ଧ ନଗର ଏବଂ ୱାର୍ଡ ନଂ. ୧୩ ଅନ୍ତର୍ଗତ ନୀଳମାଧବ ନିବାସରେ ଆବାସ ହାତେଇଛନ୍ତି। ଏନେଇ ସାଲିଆସାହି ବସ୍ତି କମିଟି ପକ୍ଷରୁ ୮୫ଜଣ ମିଛ ହିତାଧିକାରୀଙ୍କ ନାମ, ପିତାଙ୍କ ନାମ, ଆଧାର କାର୍ଡ ନଂ. ଓ ଫୋନ୍ ନଂ. ସହିତ ଏକ ତାଲିକା ପ୍ରସ୍ତୁତ କରି ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ପ୍ରଦାନ କରାଯାଇଛି। ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୋଗ୍ୟ ହିତାଧିକାରୀମାନେ ବିଭିନ୍ନ ଟ୍ରାଞ୍ଜିଟ୍ ହାଉସ୍‌ରେ ଅସ୍ଥାୟୀ ଭାବେ ରହି ଆସୁଥିବାବେଳେ ସେମାନଙ୍କୁ ଏଯାବତ୍ ଆବାସ ପ୍ରଦାନ କରାଯାଇନାହିଁ। ଅଥଚ ଅନେକ ଲୋକ ଜାଲିଆତି କରି ଆବାସ ହାତେଇ ନେଇଛନ୍ତି। ତେଣୁ ବସ୍ତିବାସିନ୍ଦାଙ୍କ ନିମନ୍ତେ ନିର୍ମିତ ସମସ୍ତ ପ୍ରକଳ୍ପକୁ ଉଚ୍ଚ ପଦାଧିକାରୀ କିମ୍ବା ଭିଜିଲାନ୍ସ ଅଧିକାରୀଙ୍କ ଜରିଆରେ ସରଜମିନ ତଦନ୍ତ କରାଯାଇ ବେଆଇନ ଭାବେ ଆବଣ୍ଟିତ ସମସ୍ତ ଘରକୁ ତୁରନ୍ତ ବାତିଲ କରିବା ସହ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ଆବଣ୍ଟନ ପାଇଁ ଦାବି କରାଯାଇଛି। ଏଥିସହ ଏଭଳି ଜାଲିଆତିରେ ସାମିଲ୍ ଥିବା ଅଧିକାରୀ, କର୍ମଚାରୀ ତଥା ଆବଣ୍ଟନଗ୍ରାହୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବସ୍ତି ବାସିନ୍ଦାଙ୍କ ପକ୍ଷରୁ ଦାବି କରାଯାଇଛି।

ଆବାସ ଯୋଜନାରେ ଘର ପ୍ରଦାନ ଲାଗି ବିଏମ୍‌ସି ଏବଂ ବିଡିଏ ଅଧିକାରୀ ଓ କର୍ମଚାରୀମାନେ ପ୍ରତ୍ୟକ୍ଷ ଅନୁଧ୍ୟାନ କରି ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରିଥିଲେ। ତାଲିକା ମୁତାବକ ବସ୍ତି ଘରଗୁଡ଼ିକୁ ବିଭିନ୍ନ ସମୟରେ ଉଚ୍ଛେଦ କରାଯିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ତରଫରୁ ନିର୍ମାଣ ହୋଇଥିବା ଟ୍ରାଞ୍ଜିଟ ହାଉସ୍‌ରେ ସ୍ଥାୟୀ ଗୃହ ଆବଣ୍ଟନ ପର୍ଯ୍ୟନ୍ତ ବସବାସ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ମାତ୍ର ପ୍ରକୃତ ହିତାଧିକାରୀ ବର୍ତ୍ତମାନ ପର୍ଯ୍ୟନ୍ତ ଘର ଆବଣ୍ଟନରୁ ବଞ୍ଚିତ ଥିଲାବେଳେ ବସ୍ତିରେ ରହୁ ନ ଥିବା ତଥା ସରକାରଙ୍କ ଦ୍ୱାରା ପୂର୍ବରୁ ପ୍ରସ୍ତୁତ ତାଲିକାରେ ନାମ ନ ଥିବା କିଛି ବେପାରୀ, ଜମିଦଲାଲ ତଥା ବିଭିନ୍ନ ରାଜନୈତିକ ଦଳର ନେତାମାନେ ସେମାନଙ୍କ ନାମରେ ତଥା ପରିବାର ସଦସ୍ୟ ଓ ସମ୍ପର୍କୀୟଙ୍କ ନାମରେ ଏକାଧିକ ଘର ଚଞ୍ଚକତା ପୂର୍ବକ ହାତେଇଛନ୍ତି। ଏପରିକି ସମ୍ପୃକ୍ତ ଘରଗୁଡ଼ିକୁ ଭଡ଼ା ସୂତ୍ରରେ ଦେଇ ଟଙ୍କା ରୋଜଗାର କରୁଥିବା ମଧ୍ୟ ଅଭିଯୋଗ ହୋଇଛି।

# ଚିକିତ୍ସା ସୁବିଧା ଦାବି କଲା ଓଡ଼ିଶା ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ



ଧାରଣାସ୍ଥଳରେ ଡିଏମ୍‌ଡି ରୋଗରେ ଆକ୍ରାନ୍ତମାନେ ଦାବି ରଖୁଛନ୍ତି।

ଭୁବନେଶ୍ୱର, ୧୦।୧୨ (ବନ୍ଦନା ସେଠୀ)

ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡ଼ିତ ସନ୍ତାନଙ୍କ ଚିକିତ୍ସା ନିମନ୍ତେ ସୁବିଧା ଯୋଗାଇଦେବା ଦାବିରେ ଧାରଣାକୁ ଓହ୍ଲାଇଛି ଓଡ଼ିଶା ଡ୍ୟୁସେନ୍ ମସ୍କୁଲାର ଡିଷ୍ଟ୍ରୋଫି ଆସୋସିଏଶନ। ମଙ୍ଗଳବାର ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲା। ଓଡ଼ିଶାରେ ଏହି ରୋଗର କୌଣସି ଚିକିତ୍ସା ସୁବିଧା ନ ଥିବାରୁ ଏଥିରେ ଆକ୍ରାନ୍ତ ପିଲାମାନେ ଅକଥନୀୟ କଷ୍ଟ ସହ୍ୟ କରୁଛନ୍ତି। ଅପରପକ୍ଷେ ଏହି ରୋଗର ଚିକିତ୍ସା ନିମନ୍ତେ ରୋଗୀଙ୍କୁ କୋଲକାତାଠାରେ ଥିବା ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ) ତଥା ଉତ୍କର୍ଷ କେନ୍ଦ୍ରକୁ ପଠାଇବାକୁ ହାଇକୋର୍ଟ ଭୁବନେଶ୍ୱର ଏମ୍ସକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମସ୍ତଙ୍କ ପକ୍ଷେ ସେମାନଙ୍କ ସନ୍ତାନକୁ ନେଇ ଏତେବାଟ ଯିବା ସମ୍ଭବପର ହୋଇପାରୁନାହିଁ। ତେଣୁ ଏହାର ଚିକିତ୍ସା ପାଇଁ ଏକ ଜାତୀୟ ନୀତି (ଏନ୍‌ପିଆର୍‌ଡି) ଥିବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁ ଚିକିତ୍ସା ହୋଇପାରୁ ନାହିଁ ବୋଲି ଅଭିଯୋଗ କରାଯାଇଛି। ତେବେ ଆମେରିକାରୁ ଜିନ୍ ଥେରାପି ପ୍ରକ୍ରିୟାକୁ ସାମ୍ବିଧାନିକ ଓ ସରକାରୀ ଭାବେ ଭାରତ ତଥା ଓଡ଼ିଶାକୁ ଆଣି ପୀଡ଼ିତଙ୍କ ଚିକିତ୍ସା କରିବା, ମାଂସପେଶୀଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଶିଶୁ (ଡିଏମ୍‌ଡି)ଙ୍କୁ ଏକକାଳୀନ ୫୦ଲକ୍ଷ ଟଙ୍କାର ଜୀବନ ବୀମା ପ୍ରଦାନ, ମାଂସପେଶୀ ଜନିତ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଶିଶୁଙ୍କୁ ମାସିକ ୧୫ହଜାର ଟଙ୍କାର ଚିକିତ୍ସା ଭତ୍ତା, ପ୍ରସବ ପୂର୍ବରୁ ନିଃଶୁଳ୍କ ଜେନେଟିକ୍ ପରୀକ୍ଷାର ସୁବିଧା ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା।

# ମାନବାଧିକାର ଆମ ଜୀବନର ଅବିଭାଜ୍ୟ ଅଂଶ

ଭୁବନେଶ୍ୱର,୧୦।୧୨(ଅନୁରାଧା ମହାରଣା)

ମାନବ ଅଧିକାର କେବଳ ଏକ ନୀତିକଥା ନୁହେଁ, ଏହା ଆମ ଦୈନନ୍ଦିନ ଜୀବନର ଅବିଭାଜ୍ୟ ଅଂଶ। ବିଶ୍ୱସ୍ତରରେ ମାନବ ଅଧିକାର ସମ୍ବନ୍ଧରେ ଚେତନା ସୃଷ୍ଟି କରିବାରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ, ସିଭିଲ ସୋସାଇଟି ଫୋରମ୍ ଅନ୍ ହ୍ୟୁମାନ ରାଇଟ୍ସ(ସିଏସ୍‌ଏଫ୍‌ଏଚ୍‌ଆର୍) ଓ ଭାନ ମୁହିଲ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ଅବସରରେ ବକ୍ତାମାନେ ଏହା କହିଛନ୍ତି। ଏହି ଅବସରରେ ମାନବାଧିକାର ଉପରେ ଜନଚେତନା ସୃଷ୍ଟି ସହ ସମାଜରେ ସମତା, ଗୌରବ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ସିଟିଜେନ ଫୋରମର ଅଧ୍ୟକ୍ଷ ମଧୁସୂଦନ ମିଶ୍ର ଓ ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଅତିରିକ୍ତ ସଚିବ ଅମିୟ କୁମାର ମହାନ୍ତି ଯୋଗଦେଇ ମାନବାଧିକାର ସୁରକ୍ଷା ଦିଗରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସିଏସଏଫଏଚ୍‌ଆର୍ ସଦସ୍ୟ ନରେନ୍ଦ୍ର ମହାନ୍ତି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ମାନବାଧିକାର କର୍ମୀମାନଙ୍କୁ ଶପଥ ପାଠ କରାଇଥିଲେ। ସିଏସଏଫଏଚଆରର ଅଧ୍ୟକ୍ଷ ବିଶ୍ୱପ୍ରିୟ , ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ମାନବାଧିକାର କର୍ମୀ ସଂଗ୍ରାମ ମଲ୍ଲିକ, ତପନ ପାଢ଼ୀ, ପ୍ରକାଶ କୁମାର ସମନ୍ତସିଂହର, ବାଘାମ୍ବର ପଟ୍ଟନାୟକ, ଚନ୍ଦ୍ରନାଥ ଦାନୀ ପ୍ରମୁଖ ଯୋଗଦେଇଥିଲେ।



ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ଅବସରରେ ମଙ୍ଗଳବାର ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସ ଓ ଅନ୍ୟ ସଂଗଠନ ପକ୍ଷରୁ ସଚେତନତା ରାଲି।

# କିସ୍ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥ ଭକ୍ତ ସମ୍ମିଳନୀ



ଶ୍ରୀଜଗନ୍ନାଥ ଭକ୍ତ ସମ୍ମିଳନୀରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଓ ଅନ୍ୟମାନେ।

ଭୁବନେଶ୍ୱର,୧୦।୧୨ (ସୌମ୍ୟରଞ୍ଜନ ରାଉତ)

ଅନ୍ତର୍ଜାତୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଚେତନା ପରିଷଦ ପକ୍ଷରୁ କିସ୍ ଶ୍ରୀବାଣୀକ୍ଷେତ୍ର ଗୁଣ୍ଡିଚା ମନ୍ଦିରଠାରେ ମଙ୍ଗଳବାର ଶ୍ରୀଜଗନ୍ନାଥ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ଗଜପତି ମହାରାଜ ଦିବ୍ୟସିଂହ ଦେବ ଉଦ୍‌ଘାଟନ କରିଥିଲେ। ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଡ. ହରେକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପରିଷଦର ମୁଖ୍ୟ ଉପଦେଷ୍ଟା ତଥା ପଞ୍ଜାବ ପଟିଆଲାସ୍ଥିତ ଚିନ୍ମୟ ମିଶନର ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ମହାରାଜଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଓଡ଼ିଶାର ବିଭିନ୍ନ ଜିଲାର ପ୍ରାୟ ୬୦ ମନ୍ଦିରର କର୍ମକର୍ତ୍ତା ସମେତ ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାରକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀକୁ ସଂସ୍ଥାର ସଭାପତି ବିଶ୍ୱନାଥ ମହାନ୍ତି ସଞ୍ଚାଳନ ଓ ସଂଯୋଜନା କରିଥିବାବେଳେ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଦକ୍ଷିଣ ଓଡ଼ିଶା ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା

ଭୁବନେଶ୍ୱର,୧୦।୧୨(ସୁଚିସ୍ମିତା ସାହୁ)

ଦକ୍ଷିଣ ଓଡ଼ିଶା ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫୦ରୁ ଊର୍ଦ୍ଧ୍ୱ ଦାବିକୁ ନେଇ ମଙ୍ଗଳବାର ବିଧାନସଭା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ରେଳପଥ ବିକାଶ ସହ ଦକ୍ଷିଣ ଓଡିଶାର ସର୍ବାଙ୍ଗୀଣ ଉନ୍ନତି, ଦକ୍ଷିଣ ଓଡ଼ିଶା ପରିଷଦ ଗଠନ, ବ୍ରହ୍ମପୁର ମହାନଗର ନିଗମରୁ ବାଦ୍ ପଡିଥିବା ୧୮ ପଞ୍ଚାୟତକୁ ଯୋଡିବା, ଭଞ୍ଜନଗର, ଆସ୍କା, କବିସୂର୍ଯ୍ୟନଗର, ଛତ୍ରପୁର, ପୋଲସରାକୁ ପୌରାଞ୍ଚଳ ରୂପେ ଘୋଷଣା କରିବା, ସଂଖ୍ୟାଧିକ ଜନସଂଖ୍ୟା ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ରୂପେ ମାନ୍ୟତା ଦେବା, ଆର୍ଥିକ ଓ ପ୍ରଗତିଶୀଳ ପାଇଁ ଭାରତର ବୃହତ ସହର ସହ ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ଯୋଡିବା, ବ୍ରହ୍ମପୁର ସମେତ ଅନ୍ୟାନ୍ୟ ପୌରାଞ୍ଚଳର ରିଙ୍ଗ ରୋଡ୍ ଆଦି ଦାବି ସଂକ୍ରାନ୍ତରେ କମିଟିର ସଂଯୋଜକ ରବୀନ୍ଦ୍ର କୁମାର ମିଶ୍ର କହିଥିଲେ। କମିଟିରେ ବରିଷ୍ଠ ଆଇନଜୀବୀ ତଥା ପ୍ରଗତିଶୀଳ ଉତ୍କଳ ସମାଜର ସଭାପତି ସରୋଜ ରଞ୍ଜନ ପଟ୍ଟନାୟକ, ଉତ୍କଳ ସମାଜର ସୂର୍ଯ୍ୟନାରାୟଣ ଦାଶ, ପ୍ରବୀଣ ପଟ୍ଟନାୟକ, ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର ପଣ୍ଡା, ଫୋରମ ଫର୍ ଗଞ୍ଜାମର ସଭାପତି ଇଂ. ତେଜେଶ୍ୱର ରାଓ, ବହୁମୁଖୀ ସମାଜ ମଙ୍ଗଳର ମାନସ ରଞ୍ଜନ ପାତ୍ର, ଓଡ଼ିଶା ଡେଭଲପ୍ ଫୋରମର ପ୍ରୀତିଶ ପାଣିଗ୍ରାହୀ, ସ୍ଥାୟୀ ବିକାଶର ସଭାପତି ରବୀନ୍ଦ୍ର କୁମାର ମିଶ୍ର, ଆମ ସଂସ୍କୃତି ପରମ୍ପରାର ଆବାହକ ପଦ୍ମପୁର ନାଗରିକ ସାମ୍ମୁଖ୍ୟରେ ରମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କର୍ମକ୍ଷେତ୍ରରେ ମହିଳା ନିର୍ଯାତନା ନିରୋଧୀ ବାର୍ତ୍ତା




### ପୂର୍ବତଟ ରେଳପଥ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୧୦।୧୨ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ପକ୍ଷରୁ ଜେଣ୍ଡର ରିସୋର୍ସ ସେଣ୍ଟର 'ଅସ୍ତିତ୍ୱ' ସହଯୋଗରେ କର୍ମକ୍ଷେତ୍ରରେ ମହିଳାଙ୍କ ପ୍ରତି ଯୌନ ନିର୍ଯାତନା ନିରୋଧୀ କର୍ମଶାଳା ରେଳ ସଦନରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତଟ ରେଳପଥର ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡ. ଏସ୍. ଏସ୍. ରାୟ ଏହାକୁ ଉଦ୍‌ଘାଟନ କରି କର୍ମକ୍ଷେତ୍ରରେ ମହିଳାଙ୍କ ପାଇଁ ଏକ ନିରାପଦ ତଥା ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୌନ ଉତ୍ପୀଡ଼ନ ଅଭିଯୋଗର ସମାଧାନ ସହ ଜଡିତ ଆଇନଗତ ପ୍ରକ୍ରିୟାକୁ ଗୁରୁତ୍ୱ ଦେଇ ଡ. ରାୟ ପୋଶ୍ ଆକ୍ଟ ୨୦୧୩ର ମୁଖ୍ୟ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ପ୍ରିୟଙ୍କା ଆନନ୍ଦ ଯୋଗଦେଇ କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡ଼ନ ସମସ୍ୟା ସଂକ୍ରାନ୍ତରେ ଉଦାହରଣ ଦେଇ ବର୍ଣ୍ଣନା କରିଥିଲେ। 'ଆସ୍ଥା'ର ସମ୍ପାଦକ ଡ. ମମତା ଦାସ ଏବଂ ପୂର୍ବତନ ଓଡିଶା ମହିଳା କମିଶନ ସଦସ୍ୟା ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ନିଜ ମତ ରଖିଥିଲେ।

# ବସୁଧୈବ କୁଟୁମ୍ବକମ୍ ପାଇଁ ମାନବ ଅଧିକାର ଜରୁରୀ

ଭୁବନେଶ୍ୱର,୧୦।୧୨ (ଅନୁରାଧା ମହାରଣା)

ଓଡିଶା ମାନବ ଅଧିକାର ଆୟୋଗ ପକ୍ଷରୁ ମଙ୍ଗଳବାର ସୂଚନା ଭବନରେ ବିଶ୍ୱ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ କହିଲେ, ଅନେକ ଲୋକ ସେମାନଙ୍କ ଅଧିକାର ବିଷୟରେ ଅଜ୍ଞ। ସେମାନଙ୍କୁ ସଚେତନ କରାଇବା ସହିତ ସମାଜର ଅଧିକାର ଚ୍ୟୁତଙ୍କ ନିମନ୍ତେ ଏକ ସୁରକ୍ଷିତ ଓ ସମାନ ମଞ୍ଚ ପ୍ରଦାନ କରିବା ଆମର ଦାୟିତ୍ୱ। ମାନବ ଅଧିକାର ଦିବସକୁ ପରିବ୍ୟାପ୍ତ କରିବା ଦରକାର। ନିୟମିତ ସଚେତନତା କାର୍ଯ୍ୟକ୍ରମ ସହିତ ପ୍ରତ୍ୟେକ ନାଗରିକ ଯେପରି ଆୟୋଗର କାର୍ଯ୍ୟଧାରାକୁ ହୃଦୟଙ୍ଗମ କରିବେ ସେ ଦିଗରେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ସିଂ କହିଛନ୍ତି। ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ, ସମସ୍ତ ମାନବ ସମାନ ଅଧିକାର ସହ ବଞ୍ଚିବା ଜରୁରୀ। କୌଣସି ଭାଷା, ଧର୍ମ, ଜାତି, ଲିଙ୍ଗ କିମ୍ବା ରଙ୍ଗ ଦ୍ୱାରା ମାନବ ଅଧିକାର ଉଲ୍ଲଂଘନ ନ ହେଉ। ଓଡ଼ିଶା ମାନବ ଅଧିକାର ଆୟୋଗର ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ତାଙ୍କ ବକ୍ତବ୍ୟରେ ବସୁଧୈବ କୁଟୁମ୍ବକମ ନୀତି ପାଇଁ ମାନବ ଅଧିକାର ଜରୁରୀ ବୋଲି କହିବା ସହ ସ୍ୱାଧୀନ ଭାବେ ବଞ୍ଚିବା ଆମ ଜନ୍ମଗତ ଅଧିକାର ବୋଲି କହିଥିଲେ। ଆମେ ମାନବ ଅଧିକାର ରକ୍ଷା ପାଇଁ ସବୁ ଲୋକଙ୍କ ସହ ଏକତାବଦ୍ଧ ହୋଇ କାମ କରିବାର ପ୍ରତିଜ୍ଞା କରିବା ଉଚିତ। ଆୟୋଗର ହସ୍ତକ୍ଷେପ ଦ୍ୱାରା ଅନେକ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଦୃଷ୍ଟାନ୍ତମୂଳକ ଉନ୍ନତି ଘଟିଛି ଯେଉଁଠାରେ ମାନବ ଅଧିକାରର ସୁରକ୍ଷା ତଥା ବ୍ୟକ୍ତିବିଶେଷ କିମ୍ବା ଗୋଷ୍ଠୀର ମୌଳିକ ସ୍ୱାଧୀନତାକୁ ସମାଧାନ କରାଯାଇ ପାରୁଛି। ସମ୍ମାନିତ ଅତିଥିଭାବେ ଓଡ଼ିଶା ମାନବ ଅଧିକାର ଆୟୋଗର ସଦସ୍ୟ ଅସୀମ ଅମିତାଭ ଦାଶ ଏବଂ ଚିତ୍ତରଞ୍ଜନ ମହାପାତ୍ର କହିଲେ, ମାନବ ଅଧିକାର ପାଇଁ ନିର୍ଭୟ ହୋଇ ସ୍ୱର ଉଠାନ୍ତୁ। ଲୋକେ ନିଜ ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଅଧିକାର ହାସଲ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ। ଓଡିଶା ମାନବ ଅଧିକାର ଆୟୋଗର ରେଜିଷ୍ଟ୍ରାର ତଥା ଭାରପ୍ରାପ୍ତ ସଚିବ ସ୍ୱିଟି ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଡା. ନୀଳମାଧବ ରଥ ଓ ଆଶାକର୍ମୀ ଶିବାନୀ ମଣ୍ଡଳଙ୍କୁ ମାନବ ଜାତି ପ୍ରତି ସେମାନଙ୍କ ମୂଲ୍ୟବାନ୍ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିମାନେ ଆଶାକର୍ମୀ ଶିବାନୀ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀଙ୍କୁ ଦାବିପତ୍ର ଦେଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ

ଭୁବନେଶ୍ୱର,୧୦।୧୨(ସୁଚିସ୍ମିତା ସାହୁ)

ସ୍କିମାଟିକ୍ ନିଯୁକ୍ତି ଉଚ୍ଛେଦ କରି ସେମାନଙ୍କୁ ତୁରନ୍ତ ନିୟମିତ କରିବା, ୬ ବର୍ଷର ଚୁକ୍ତି କାର୍ଯ୍ୟକାଳକୁ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା ଭଳି ୬ଦଫା ଦାବି କରି ଆସୁଛି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା)। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମାହାଲିଙ୍ଗଙ୍କ ସମେତ ବହୁ ମନ୍ତ୍ରୀ ଓ ବିଧାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ଏହି ପ୍ରତିନିଧି ଦଳରେ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ଉପଦେଷ୍ଟା ଗଜେନ୍ଦ୍ର ମାଝୀ, ଲକ୍ଷ୍ମଣ ନାହାକ, ଗୋବିନ୍ଦ ମହନ୍ତ, ଅଗାଧୁ ସେଠୀ, ଜି. ଗୋପାଳ ରାଓ ପ୍ରମୁଖ ରହି ସମସ୍ୟା ଓ ଦାବି ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରିଥିଲେ।

ଆମ ରାଜ୍ୟରେ ଶିକ୍ଷା ଅଧିକାର ଆଇନ ୨୦୧୦କୁ ଠିକ୍ ଭାବରେ କାର୍ଯ୍ୟକାରୀ ନ କରି ଜାତୀୟ ଶିକ୍ଷାନୀତି ୨୦୨୦କୁ ରାଜ୍ୟ ସରକାର ଲାଗୁ କରିବାକୁ ବସିଛନ୍ତି। ପ୍ରାଥମିକ ବିଦ୍ୟାଳୟରେ ଭିତ୍ତିଭୂମିର ବିକାଶ କରାଯାଉନାହିଁ। ଗୁଣାତ୍ମକ ଶିକ୍ଷା ନିମନ୍ତେ ଶ୍ରେଣୀ ପିଛା ନିୟମିତ ଶିକ୍ଷକ ନିଯୁକ୍ତି କରାଯାଉନାହିଁ। କେବଳ କେନ୍ଦ୍ରୀୟ ଯୋଜନାରେ ସ୍କିମାଟିକ ଶିକ୍ଷକ ନିଯୁକ୍ତ କରି ଉଚ୍ଚ ଶିକ୍ଷିତ ଯୁବତୀଯୁବକଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲାଯାଉଛି। ସ୍କିମାଟିକ ଶିକ୍ଷକଙ୍କର ନା ଦରମା ଅଛି ନା ସେମାନଙ୍କର କୌଣସି ଚାକିରି ସର୍ତ୍ତାବଳୀ ରହିଛି। ଘରଠାରୁ ୫୦୦ରୁ ୧୦୦୦ କିଲୋମିଟର ଦୂରରେ ନିଯୁକ୍ତ କରିଥିବାରୁ ସେମାନେ ମାନସିକ ଅଶାନ୍ତିରେ ଶିକ୍ଷାଦାନ କରୁଛନ୍ତି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସମସ୍ତ ଦାବି ତୁରନ୍ତ ପୂରଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରିବାକୁ ସେମାନେ ଅନୁରୋଧ କରିଛନ୍ତି।



ଯୋଗ୍ୟ ବିବେଚିତ ସ୍କୁଲ କଲେଜକୁ ଅନୁଦାନ, ଅବସର ପରେ ପେନ୍‌ସନ ଆଦି ବିଭିନ୍ନ ଦାବି ନେଇ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା।

# କଳା ମାଧ୍ୟମରେ ସୁନ୍ଦର ପୃଥିବୀର ପରିକଳ୍ପନା କରାଯାଇପାରିବ

### ୬ ଦେଶର ୩୫ ଭାସ୍କର୍ଯ୍ୟ ଶିଳ୍ପୀ ସମ୍ମାନିତ

ଭୁବନେଶ୍ୱର,୧୦।୧୨ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଭାସ୍କର୍ଯ୍ୟ ବିଭାଗ ପକ୍ଷରୁ ଚାରିଦିନିଆ ଆନ୍ତର୍ଜାତିକ କର୍ମଶାଳା 'ମାନବୋତ୍ତର' ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଯୁକ୍ତରାଷ୍ଟ୍ର ଆମେରିକା, ଜାପାନ, ନେଦରଲାଣ୍ଡ, ଥାଇଲାଣ୍ଡ, ଉତ୍ତରକୋରିଆ ଓ ଭାରତରୁ ଯୋଗଦେଇଥିବା ୩୫ଜଣ ଭାସ୍କର୍ଯ୍ୟଶିଳ୍ପୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନିତ କରାଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଉଦ୍‌ଘାଟନ କରିଥିଲେ। ଏଭଳି ଆନ୍ତର୍ଜାତିକ କର୍ମଶାଳା ଦ୍ୱାରା ଭାସ୍କର୍ଯ୍ୟର ମହତ୍ତ୍ୱକୁ ସମସାମୟିକ କଳା ଜଗତରେ ଉପଲବ୍ଧି କରାଯିବା ସହ ଆଜିର ମଣିଷ ଜୀବନରେ କଳାର ତତ୍ତ୍ୱକୁ ଅନୁଧ୍ୟାନ କରାଯାଇପାରିବ ବୋଲି ସେ ମତ ଦେଇଥିଲେ। ସମାଜସେବୀ ଡ. ଶ୍ରୁତି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଏହି କର୍ମଶାଳା ଆମକୁ କଳା ମାଧ୍ୟମରେ ପୃଥିବୀ ସମ୍ପର୍କରେ ପୁନଶ୍ଚ ଚିନ୍ତା କରିବାକୁ ପ୍ରେରିତ କରିବ। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ 'ମାନବୋତ୍ତର'ର ଦାର୍ଶନିକ ତତ୍ତ୍ୱକୁ ନିଜସ୍ୱ କବିତା ମାଧ୍ୟମରେ ବିଶ୍ଳେଷଣ କରିବା ସହ ଦାର୍ଶନିକ ଓ ସାଂସ୍କୃତିକ ଚିନ୍ତାଧାରା ସମ୍ପର୍କରେ କହିଥିଲେ। କୁଳସଚିବ ଅନାମିକା ଅଧିକାରୀ ମାନବିକତା ମାଧ୍ୟମରେ ସାମ୍ପ୍ରତିକ ପରିବର୍ତ୍ତନଶୀଳ ସମାଜରେ କଳା ମାଧ୍ୟମରେ ଏକ ସୁନ୍ଦର ପୃଥିବୀର ପରିକଳ୍ପନା କରିବା ପାଇଁ ପରାମର୍ଶ ଦେଇଥିଲେ। ଭାସ୍କର୍ଯ୍ୟ ବିଭାଗର ସହଯୋଗୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ନାୟକ ଓ ସହକାରୀ ପ୍ରଫେସର ଅଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସହ ଅତିଥିମାନେ।

# ପାଠକଙ୍କୁ ଆକର୍ଷିତ କରୁଛି ଭଞ୍ଜ, ରୀତି ଯୁଗୀୟ କବିଙ୍କ ପୁସ୍ତକ

### ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବ

ଭୁବନେଶ୍ୱର,୧୦।୧୨(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ୬ଷ୍ଠ ରାଜ୍ୟସ୍ତରୀୟ ପୁସ୍ତକ ମହୋତ୍ସବର ମଙ୍ଗଳବାର ଥିଲା ଚତୁର୍ଥ ଦିନ। ମହୋତ୍ସବରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ଓ କଳିଙ୍ଗ ଭାରତୀର ପୁସ୍ତକ ଭଣ୍ଡାରରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଅନ୍ୟ ରୀତି ଯୁଗୀୟ କବିଙ୍କ କବିତା ପୁସ୍ତକ ସହ ପଦ୍ମଶ୍ରୀ ରଜତ କୁମାର କରଙ୍କ ଅନନ୍ୟ ଲେଖନୀରୁ ରଚିତ ବହୁ ପୁସ୍ତକ ପ୍ରଦର୍ଶିତ ହେଉଛି। ପଦ୍ମଶ୍ରୀ କରଙ୍କ ପୁସ୍ତକ 'ସ୍ମୃତିର ଅତଳ ଗର୍ଭରୁ ଓଡିଶାର ସାଂସ୍କୃତିକ ଇତିହାସ', 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ' ଓ 'ଭଞ୍ଜ ରାମାୟଣ' ପାଠକମାନଙ୍କୁ ବେଶ୍ ଆକୃଷ୍ଟ କରୁଥିବା ବେଳେ. କଳିଙ୍ଗ ଭାରତୀର ବିଭିନ୍ନ ଆଲୋଚନା ପୁସ୍ତକ ସବୁକୁ ସାହିତ୍ୟ ଅନୁରାଗୀମାନେ ଆପଣାଉଥିବା ଦେଖିବାକୁ ମିଳିଥିଲା। ଏହି ପୁସ୍ତକ ଭଣ୍ଡାରରେ ଅନେକ ଉପନ୍ୟାସ ବହି ମଧ୍ୟ ଉପଲବ୍ଧ ରହିଛି। ଡିସେମ୍ବର ୧୭ ପର୍ଯ୍ୟନ୍ତ ପୁସ୍ତକ ମହୋତ୍ସବ ଚାଲିବାକୁ ଥିବାବେଳେ ପାଠକମାନେ ଏହିସବୁ ପୁସ୍ତକ ପାଇ ପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଡା. ଅଂଶୁମାନ କର ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ଲୁଗା ଦୋକାନ ଜଳିଗଲା



କଟକ,୧୦ା୧୨(କାର୍ତ୍ତିକ ସାହୁ)

କଟକ ପିଠାପୁରସ୍ଥିତ ଏକ ଲୁଗା ଦୋକାନରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର କପଡ଼ା, ଶାଢି ଓ ଅନ୍ୟ ସାମଗ୍ରୀ ପୋଡିଯାଇଛି। ଖବରପାଇ ବକ୍ସିବଜାର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ବାଦାମବାଡ଼ି ଅଞ୍ଚଳର ରବୀନ୍ଦ୍ର ମହାପାତ୍ରଙ୍କର ପିଠାପୁରରେ ଏକ ୪ ମହଲା ବିଲ୍ଡିଂରେ ଲୁଗା ସାମଗ୍ରୀ ବ୍ୟବସାୟ ରହିଛି। ତଳ ମହଲାରେ ଖୁଚୁରା ବ୍ୟବସାୟ ହେଉଥିବାବେଳେ ଉପର ମହଲାରେ ଗୋଦାମ ରହିଛି। ଦୋକାନ ବନ୍ଦ କରି ଯିବାପରେ ତଳ ମହଲାରେ ନିଆଁ ଲାଗିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ତ୍ୱରିତ ପଦକ୍ଷେପ ନେବାରୁ ନିଆଁ ଉପର ମହଲାକୁ ବ୍ୟାପୀ ପାରି ନ ଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତେବେ ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଥିବା ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି।

### ଘରୋଇ ହିଂସା ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ

କଟକ,୧୦ା୧୨ (କାର୍ତ୍ତିକ ସାହୁ)

ବକ୍ସିବଜାରସ୍ଥିତ ଓଡ଼ିଶା ନାରୀ ସେବା ସଂଘ କାର୍ଯ୍ୟାଳୟରେ ଘରୋଇ ହିଂସା ଦୂରୀକରଣ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ ମଙ୍ଗଳ ସମିତିର ପୂର୍ବତନ ଅଧ୍ୟକ୍ଷା ମନ୍ଦାକିନୀ ଜେମା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ସଭାନେତ୍ରୀ ଡ. ପ୍ରତିମା ମହାପାତ୍ର, ସମ୍ପାଦିକା ଆଭା କାନୁନ୍‌ଗୋ, କୋଷାଧ୍ୟକ୍ଷା ନୟନତାରା ନନ୍ଦ, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ନମିତା ପଣ୍ଡା, ଯୁଗ୍ମ ସମ୍ପାଦିକା ଇନ୍ଦିରା ଆରୋରା, ହଲ୍ ସମ୍ପାଦିକା ମଞ୍ଜୁ ସିଂ ଉପସ୍ଥିତ ଥିଲେ। ସରୋଜିନୀ ଓଝା ଧନ୍ୟବାଦ ଦେଇଥିଲେ।

### କର୍କଟ ରୋଗ ସଚେତନତା

ଖୁଣ୍ଟୁଣୀ,୧୦ା୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ବିଜ୍ଞାନ ଉଚ୍ଚ ବିଦ୍ୟାଳୟ ପରିସରରେ କର୍କଟ ରୋଗ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ୟାନ୍‌ସର ହସ୍ପିଟାଲର ଡା. ରଞ୍ଜିତ କୁମାର କର ଯୋଗଦେଇ କହିଛନ୍ତି, କର୍କଟ ଏକ ମାରାତ୍ମକ ରୋଗ। ଠିକ୍ ସମୟରେ ଏହାକୁ ଚିହ୍ନଟ କରି ଚିକିତ୍ସା କରିବା ଦରକାର। ଉଚ୍ଚ ବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରବି ନାରାୟଣ ଦାସ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଯୁବ ରେଡ୍‌କ୍ରସ୍ ପକ୍ଷରୁ ଅନୁଷ୍ଠିତ ଏଡ୍‌ସ ସଚେତନତା ସମ୍ପର୍କୀତ କୁଇଜ୍ ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଚିତ୍ତରଞ୍ଜନ ଦାଶ, ଅଧ୍ୟାପକ ଗୋବର୍ଦ୍ଧନ ବେଉରା, ଶିଶିର କୁମାର ଦାସ, ଅଧ୍ୟାପିକା ରାଜଲକ୍ଷ୍ମୀ ପଣ୍ଡା, ଚକ୍ରଧର ସାହୁ, ବଜ୍ରଭୂଷଣ ପାତ୍ରଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଥାନା ସମ୍ମୁଖରେ ମଶାରି ଟାଙ୍ଗୀ କଂଗ୍ରେସର ପ୍ରତିବାଦ

## ସହରରେ ଫେଲ୍ ମାରିଛି ମଶାମରା ଅଭିଯାନ

କଟକ,୧୦ା୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ସହରରେ ମଶାବଂଶ ବୃଦ୍ଧି ପାଇଛି। ଏଥିସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଠିକ୍ ଭାବେ ଡ୍ରେନ୍ ସଫେଇ ନ ହେବା, ନିମ୍ନମାନର ମଶାତେଲ ପକାଯିବା, ମଶା ଧୂଆଁ ଠିକ୍ ଭାବେ ନ ଦିଆଯିବା, ବୁସ୍ କଟିଂ ନ ହେବା ଓ ରାସ୍ତାରେ ଆବର୍ଜନା ଗଦା ହେବାରୁ ମଶାବଂଶ ବଢୁଛି। ହେଲେ ଏହାକୁ ନିୟନ୍ତ୍ରଣ କରିବାରେ କଟକ ମହାନଗର ନିଗମ (ସିଏମ୍‌ସି) ବିଫଳ ହୋଇଛି। ଏଥିଯୋଗୁ ଡେଙ୍ଗୁ, ମ୍ୟାଲେରିଆ ବ୍ୟାପିବା ସମ୍ଭାବନା ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଏନେଇ ଜିଲା କଂଗ୍ରେସର ପ୍ରତିନିଧି ମଣ୍ଡଳି ମଙ୍ଗଳବାର ଶକ୍ତିନଗରସ୍ଥିତ କାର୍ଯ୍ୟାଳୟରୁ ବାହାରି ବାଦାମବାଡି ଥାନା ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ମଶାରି ଟାଙ୍ଗୀ ପ୍ରତିବାଦ କରିବା ସହ ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଓ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ବିରୋଧରେ ଏତଲା ଦେଇଥିଲେ। ଏନେଇ କଂଗ୍ରେସ କଟକ ଜିଲା ମୁଖ୍ୟ ମୁଖପାତ୍ର ମାନସ ପରିଡା କହିଛନ୍ତି, ସହରରେ ମଶା ବଂଶ ବୃଦ୍ଧି ପାଉଥିବାବେଳେ ସିଏମ୍‌ସି ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଏଭଳି ଅବହେଳା ନେଇ କମିଶନର ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ଅପରପକ୍ଷରେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଅଜୟ ରାଉଳ ପ୍ରତିଶ୍ରୁତି ଦେଇଛନ୍ତି। ସିଏମ୍‌ସି କମିଶନର ଓ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସର ପୂର୍ବତନ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ, ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, ଜିଲା କଂଗ୍ରେସର ପୂର୍ବତନ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ନଗର କଂଗ୍ରେସ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ, ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ଥାନା ସମ୍ମୁଖରେ ମଶାରି ଟାଙ୍ଗି ପ୍ରତିବାଦ କରାଯାଉଛି।

# ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

କଟକ,୧୦ା୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକ ଖାନ୍‌ନଗରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, କେନ୍ଦୁଝର ଓ ଦେବଗଡ଼ ଜିଲାର କର୍ମକର୍ତ୍ତା ଯୋଗଦେଇଥିଲେ। ସର୍ବନିମ୍ନ ପେନ୍‌ସନ ୯ହଜାର ଟଙ୍କାକୁ ବୃଦ୍ଧି ସହ ମହଙ୍ଗା ଭତ୍ତା ପ୍ରଦାନ ଘୋଷଣା ନ କରିବା ଦ୍ୱାରା ଓଡ଼ିଶା ସହ ଦେଶର ୮୦ ଲକ୍ଷରୁ ଅଧିକ ଇପିଏଫ୍ ପେନ୍‌ସନ୍‌ଧାରୀ ଅସୁବିଧା ଭୋଗୁଛନ୍ତି। ସେମାନଙ୍କ ପ୍ରତି କେନ୍ଦ୍ର ସରକାର ଅବିଚାର କରୁଥିବା ନେଇ ବୈଠକରେ ମତପ୍ରକାଶ ପାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଆଧାରରେ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ କର୍ତ୍ତୃପକ୍ଷ ବର୍ଦ୍ଧିତ ପେନ୍‌ସନ୍ ପ୍ରଦାନରେ ଅହେତୁକ ବିଳମ୍ବ କରିଥିବାରୁ କର୍ମକର୍ତ୍ତାମାନେ ନିନ୍ଦା କରିଥିଲେ। କେନ୍ଦ୍ର ସରକାରଙ୍କ ଏଭଳି ବୈମାତୃକ ମନୋଭାବ ପାଇଁ ଆସନ୍ତା ୧୮ ତାରିଖରେ ଦିଲ୍ଲୀର ଯନ୍ତରମନ୍ତରଠାରେ ଜାତୀୟ ଇପିଏଫ୍ ପେନ୍‌ସନର୍ସ ସଙ୍ଗଠନ ପକ୍ଷରୁ ଜନଆକ୍ରୋଶ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାରୁ ଶତାଧିକ ପେନ୍‌ସନ୍‌ଧାରୀ ଯୋଗଦେବା ପାଇଁ ସ୍ଥିର କରାଯାଇଛି। କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଏହି ବୈଠକରେ ଜାତୀୟ ଉପସଭାପତି ତଥା ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମାଙ୍କ ସମେତ ୨୪ ଜଣ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମାୟାଧର ନାୟକ ଧନ୍ୟବାଦ ଦେଇଥିଲେ।

# ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ



ବିଆଇପିଏଫ୍ ସ୍କୁଲର ବାର୍ଷିକ ଉତ୍ସବରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ବିଆଇପିଏଫ୍ ସ୍କୁଲର ବାର୍ଷିକ ଉତ୍ସବ

ଚୌଦ୍ୱାର,୧୦ା୧୨(ଆଶୁତୋଷ ଦାସ)

ଚୌଦ୍ୱାରସ୍ଥିତ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେଶନ(ବିଆଇପିଏଫ୍)ସ୍କୁଲର ତୃତୀୟ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲର ପ୍ରତିଷ୍ଠାତା ଶିଫାଳିକା ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୋଇ ଦେଶ ଗଠନରେ ସହଯୋଗର ହାତ ବଢାଇବା ପାଇଁ ପରାମର୍ଶ ଦେଇଥିଲେ। ପରିଚାଳନା ସମିତି ଅଧ୍ୟକ୍ଷ ବିଚିତ୍ରାନନ୍ଦ ହୋତା, ବିଆଇପିଏଫ୍‌ର ଉପସଭାପତି ଧର୍ମେଶ ଗୋଏଲ, ଇମ୍ପା ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକ ଲଥା ରବିନ୍ଦ୍ରନ, ଚୌଦ୍ୱାର ଇମ୍ପା ଉପସଭାପତି ବିନୟ କୁମାର ଅଗ୍ରୱାଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷା ନମଶ୍ରୀ ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସୁମନ ଭୂୟାଁ ଓ ଦେବରତି ବିଶ୍ୱାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପିତା ମହନ୍ତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୃତ୍ୟ, ସଙ୍ଗୀତ ଓ ନାଟକ ଆଦିରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## କେନାଲ ପୋତି ରାସ୍ତା ନିର୍ମାଣ ଉପରେ ଲାଗିଲା ଅଙ୍କୁଶ

କଟକ ସଦର,୧୦ା୧୨(ସୁଶାନ୍ତ କୁମାର ଜେନା)

ବିଭିନ୍ନ ଯୋଜନାରେ ନଦୀ, ନାଳ ବନ୍ଧରେ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ କଟକ ସଦର ବ୍ଲକ ଦ୍ୱାରା ପକ୍କା ରାସ୍ତା ନିର୍ମାଣ ଚାଲିଛି। ଅନେକ ସ୍ଥାନରେ ଶାଖା କେନାଲକୁ ସଙ୍କୁଚିତ କରାଯାଇ ରାସ୍ତା ନିର୍ମାଣ, ବିଭାଗୀୟ ଜାଗାରେ ଘର ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହାପରେ ମହାନଦୀ ସାଉଥ ଡିଭିଜନ କଟକ ପକ୍ଷରୁ ସମସ୍ତ ନିର୍ମାଣ ଉପରେ ଅଙ୍କୁଶ ଲଗାଯାଇଛି। ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପତ୍ରସଂଖ୍ୟା ୯୯୯୭/୨।୧୨।୨୦୨୪ରେ ସମସ୍ତ ଲାଇନ ବିଭାଗକୁ ଜଳସମ୍ପଦ ବିଭାଗ ଜାଗାରେ ବିନା ଅନୁମତିରେ ନିର୍ମାଣ କରାଗଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଉଲ୍ଲେଖ କରିଛନ୍ତି। ଏହି ପତ୍ରର ନକଲ କଟକସ୍ଥିତ ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ଡିଭିଜନ ନଂ. ୧ ଓ ୨, କଟକ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, କଟକ ସଦର ବିଡିଓ ଏବଂ ଟାଟାପାୱାର କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। ଯେଉଁଠାରେ ଜାଗା ଆବଶ୍ୟକ ପଡିବ, ସେଠାରେ ଜଏଣ୍ଟ ସର୍ଭେ କରାଯାଇ ଏନ୍‌ଓସି ଦିଆଯିବ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି।

# ‘ମାନବାଧିକାର ସୁରକ୍ଷା ଦିଗରେ ସଚେତନ ହେବା ଜରୁରୀ’



କଟକ,୧୦ା୧୨(କାର୍ତ୍ତିକ ସାହୁ)

## ବିଶ୍ୱ ମାନବାଧିକାର ଦିବସ ପାଳିତ

ମାନବାଧିକାର ସୁରକ୍ଷା ପରିଷଦ ପକ୍ଷରୁ ୭୬ତମ ବିଶ୍ୱ ମାନବାଧିକାର ଦିବସ ବାଦାମବାଡ଼ିସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ସମାଜରେ ଯେଭଳି ମାନବାଧିକାର ଉଲ୍ଲଂଘନ ଘଟୁଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଚିନ୍ତାଜନକ। ଏହା ସଭ୍ୟ ଓ ସୁସ୍ଥ ସମାଜ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଜୀବନରେ ମାନବାଧିକାରର ସୁରକ୍ଷା ଦିଗରେ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଏ. ଏସ୍. ନାଇଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର, ମୁଖ୍ୟବକ୍ତା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ସୌରଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ସଭାପତି ଜଗବନ୍ଧୁ ସାହୁ ଯୋଗଦେଇଥିଲେ। ସଙ୍ଗଠନର ରାଜ୍ୟ ସଭାପତି ବିଶ୍ୱଜିତ୍ ମହାପାତ୍ର ଅତିଥି ପରିଚୟ ଓ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମାଜ କଲ୍ୟାଣରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସଂଯୋଜକ ଆଇନଜୀବୀ ମହମ୍ମଦ ଆରିଫ ଉଦ୍ଦିନ ଖାନ୍, ବିଜୟ ମହାନ୍ତି, ମିତ୍ରଭାନୁ ମହାନ୍ତି, କ୍ଷୀତିଶ ସାମନ୍ତ ବେହେରା, ତାପସ ପଣ୍ଡିତ, ଅରବିନ୍ଦ ପଟ୍ଟନାୟକ, ମାନାଶ୍ରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା ଆଇନଜୀବୀ ଜିତେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ



କଟକ,୧୦ା୧୨(କାର୍ତ୍ତିକ ସାହୁ)

କଟକ ମାତୃଭବନସ୍ଥିତ ଶ୍ରୀଅରବିନ୍ଦ ଉଚ୍ଚଶିକ୍ଷା ଓ ଗବେଷଣା କେନ୍ଦ୍ରର ୪୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାତୃଭବନ ବିଦ୍ୟାଳୟର ନର୍ସରିଠାରୁ ଯୁକ୍ତ ୨ କଳା, ବାଣିଜ୍ୟ, ବିଜ୍ଞାନ ଶ୍ରେଣୀର ଛାତ୍ରୀଛାତ୍ର ଯୋଗଦେଇ ୧୭ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବରେ କଟକ ମହାନଗର ନିଗମର ସିଟି ଇଞ୍ଜିନିୟର ଅତନୁ ସାମନ୍ତ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ସଦସ୍ୟ ଡ. ଜୟନ୍ତ କୁମାର ପଣ୍ଡା, ଡ. ବିରଞ୍ଚି ନାରାୟଣ ମହାପାତ୍ର, ଡ. ମଧୁସ୍ମିତା ପ୍ରଧାନ, ଜଚିନ୍ଦ୍ର ଦାସ, କର୍ପୋରେଟର ଅରବିନ୍ଦ ଜେନା, ଅଭିଭାବିକା, ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ଓ ଅନ୍ୟମାନେ ଯୋଗଦେଇଥିଲେ। ମାତୃଭବନର ସମ୍ପାଦକ ପ୍ରସାଦ ତ୍ରିପାଠୀ, ସମରେନ୍ଦ୍ର ରାଉତ ଓ ସ୍ୱରାଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ସମ୍ପାଦିକା ଡ. ଶ୍ୟାମା କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

# ଅନୁକମ୍ପା ସହାୟତା ରାଶି ଯୋଗାଣ ଦାବିରେ ବିକ୍ଷୋଭ

## ଡ୍ରେନ୍ ନିର୍ମାଣବେଳେ ପାଚେରି ଭୁଶୁଡ଼ି ଶ୍ରମିକ ମୃତ୍ୟୁ ଘଟଣା

କଟକ,୧୦ା୧୨ (କାର୍ତ୍ତିକ ସାହୁ)

କଟକ ବିଡ଼ାନାସୀ ନାୟକସାହିରେ ରବିବାର ଡ୍ରେନ୍ ନିର୍ମାଣବେଳେ ପାଚେରି ଭୁଶୁଡି ଏସ୍. ଶଙ୍କର ନାମକ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଥିଲେ। ମୃତ ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଓ ଗୁରୁତର ଶ୍ରମିକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ ମହାନଗର ନିଗମ (ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୃତ ଓ ଗୁରୁତର ଶ୍ରମିକଙ୍କ ସ୍ତ୍ରୀଙ୍କୁ ସିଏମ୍‌ସିରେ ଉପଯୁକ୍ତ ସ୍ଥାୟୀ କାମ ଏବଂ ରହିବା ପାଇଁ ଘର ଯୋଗାଇ ଦେବା, ଏହି ଘଟଣା ପାଇଁ ଦାୟୀ ସିଏମ୍‌ସି ଅଧିକାରୀ, ମୁଖ୍ୟଯନ୍ତ୍ରୀ ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମଧ ଦାବି କରାଯାଇଛି। ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ଜିଲା କମିଟି ସଭ୍ୟ ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ଦୀପକ ଦାସ, ଭାଗ୍ୟରବି ଦାସ, ବିନୋଦ ସେଠୀଙ୍କ ସମେତ ସଭ୍ୟମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।




ସିଏମ୍‌ସି ଅଫିସ ସମ୍ମୁଖରେ ଏସ୍‌ୟୁସିଆଇ(ସି) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ଫଟୋରେ ଖବର




ବିଶ୍ୱ ମାନବାଧିକାର ଦିବସ ପାଳନ ଅବସରରେ ମଙ୍ଗଳବାର ଓଡ଼ିଶା ଷ୍ଟେଟ୍ ବାର୍ କାଉନ୍‌ସିଲ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।




କଟକ ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଫିଟ୍ ଇଣ୍ଡିଆ ଉଦ୍‌ଘାଟନୀ ଅବସରରେ ଛାତ୍ରୀମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।

# ଉଚ୍ଛେଦ, ଥଇଥାନକୁ ବିରୋଧ କରି ଗର୍ଜିଲେ ବ୍ୟବସାୟୀ


ଧାରଣାରେ ବସିଥିବା ବ୍ୟବସାୟୀମାନେ।

**ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)**

■ନରମିଲା ପ୍ରଶାସନ, ୫ ଦିନ ପାଇଁ ଉଚ୍ଛେଦ ସ୍ଥଗିତ
■ଭେଣ୍ଡିଂଜୋନ ପରିବର୍ତ୍ତେ ହାବେଳି ପଡ଼ିଆରେ ଥଇଥାନ ଦାବି

ଖୋର୍ଦ୍ଧା ପୌରାଞ୍ଚଳରେ କ୍ୟାବିନ୍ ବ୍ୟବସାୟୀଙ୍କୁ ଉଚ୍ଛେଦକୁ ଜୋରଦାର ବିରୋଧ କରାଯାଇଛି। ପ୍ରଶାସନ ପକ୍ଷରୁ ମଙ୍ଗଳବାର ଆରମ୍ଭ ହୋଇଥିବା ଉଚ୍ଛେଦ ଏବଂ ଥଇଥାନ ପ୍ରକ୍ରିୟାକୁ ବିରୋଧ କରାଯାଇ ଶତାଧିକ ବ୍ୟବସାୟୀ ପରିବାର ସହ ଟ୍ରାଫିକ ଛକରେ ଧାରଣାରେ ବସିଥିଲେ। ଟିଏଲ୍‌ଭିରେ ନବନିର୍ମିତ ଭେଣ୍ଡିଂଜୋନ୍ ପରିବର୍ତ୍ତେ ହାବେଳି ପଡ଼ିଆରେ ଥଇଥାନ କରିବାକୁ ଦାବି କରିଥିଲେ। ଏପରିକି ପ୍ରଶାସନ ଏବଂ ବ୍ୟବସାୟୀ ମୁହାଁମୁହିଁ ହୋଇଥିଲେ। ପୌରାଧ୍ୟକ୍ଷ କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌରିରଞ୍ଜନ ମହାନ୍ତି ଏବଂ ଅନ୍ୟ କାଉନ୍‌ସିଲରମାନେ ପହଞ୍ଚି ବିରୋଧକୁ ସମର୍ଥନ କରିବା ସହ ବିନା ଆଲୋଚନାରେ ଉଚ୍ଛେଦ ହୋଇପାରିବ ନାହିଁ ବୋଲି କହିଥିଲେ। ପୌରନିର୍ବାହୀ ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ବିରୋଧ କରିବା ସହ ତାଙ୍କୁ ତୁରନ୍ତ ବଦଳି କରିବାକୁ ଦାବି କରିଥିଲେ। ଏଥିସହିତ ବ୍ୟବସାୟୀଙ୍କ ସହ ଧାରଣାରେ ବସିଥିଲେ। ପରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ସୁରେଶ କୁମାର ରାଉତରାୟ, କଂଗ୍ରେସ ମୁଖପାତ୍ର ସୋନାଲି ସାହୁ, କଂଗ୍ରେସ ନେତ୍ରୀ ସ୍ୱାଗତିକା ପଟ୍ଟନାୟକ ପ୍ରମୁଖ ପହଞ୍ଚି ଉଚ୍ଛେଦ ପ୍ରକ୍ରିୟାକୁ ସମାଲୋଚନା କରିଥିଲେ। ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବସିଥିଲା। ପୂର୍ବତନ ବିଧାୟକ ରାଜେନ୍ଦ୍ର, ସୁରେଶ ଏବଂ ଅନ୍ୟମାନେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ପୌର ନିର୍ବାହୀ ଅଧିକାରୀ ଭିଭିଏନ କଥକ, ତହସିଲଦାର ବିଭାସ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ନରମିଥିଲା ପ୍ରଶାସନ। ତେବେ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ୫ଦିନ ଅର୍ଥାତ୍ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିବା ଉପଜିଲାପାଳ କହିଛନ୍ତି। ସୂଚନାଥାଉ କି, ନଭେମ୍ବର ପହିଲାରେ ଉଚ୍ଛେଦ ନେଇ ପୌର ପ୍ରଶାସନ ପକ୍ଷରୁ ନୋଟିସ୍ କରାଯାଇଥିଲା। ଏହାକୁ ଚାଲେଞ୍ଜ କରି ବ୍ୟବସାୟୀ ମହାସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୫ ତାରିଖରେ ହାଇକୋର୍ଟ ଏହାର ଶୁଣାଣି କରି ୩ମାସ ମଧ୍ୟରେ ବ୍ୟବସାୟୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ ପାଇଁ ପୌରନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସହରଠାରୁ ଅନତିଦୂର ଶ୍ମଶାନ ନିକଟରେ ନିର୍ମିତ ଭେଣ୍ଡିଂଜୋନରେ ଥଇଥାନକୁ ବିରୋଧ କରି ନଭେମ୍ବର ୬ରେ ବ୍ୟବସାୟୀ ମହାସଂଘ ଡାକରାରେ ଶତାଧିକ ବ୍ୟବସାୟୀ ପୌର କାର୍ଯ୍ୟାଳୟ ଘେରାଉ କରିଥିଲେ। ୮ତାରିଖରେ ପୌର ପକ୍ଷରୁ ସହରାଞ୍ଚଳ ଭେଣ୍ଡିଂଜୋନ୍ କମିଟି ଗଠନ କରାଯାଇଥିଲା। ଡିସେମ୍ବର ୬ରେ ବ୍ଲକ କାର୍ଯ୍ୟାଳୟରେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଲଟେରି ଉଠାଯାଇଥିଲା। ଏଥିରେ କେତେଜଣ ବ୍ୟବସାୟୀଙ୍କୁ ବାଦ୍‌ଦେଇ ଅନ୍ୟମାନେ ବର୍ଜନ କରିଥିଲେ। ତେବେ ସଦସ୍ୟଙ୍କ ଦ୍ୱାରା ଲଟେରି ଉଠାଯାଇ ବ୍ୟବସାୟୀଙ୍କ ନାମ ଅନୁଯାୟୀ ଗୃହ ନମ୍ବର ଘୋଷଣା କରାଯାଇଥିଲା। ୭ ତାରିଖରେ ଲଟେରି ଉଠିଥିବା ସଂଖ୍ୟା ଅନୁଯାୟୀ ଆସନ୍ତା ୧୫ ତାରିଖ ସୁଦ୍ଧା ପୌର କାର୍ଯ୍ୟାଳୟରେ ଟଙ୍କା ଡିପୋଜିଟ ପାଇଁ ନୋଟିସ୍ କରାଯାଇଥିବା ବେଳେ ମଙ୍ଗଳବାର ଦୋକାନ ଉଚ୍ଛେଦ କରାଯିବ ବୋଲି ସୋମବାର ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଘୋଷଣା କରାଯାଇଥିବା ବେଳେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯାଇଥିଲା। ଉଚ୍ଛେଦ ଲାଗି ମଙ୍ଗଳବାର ସକାଳ ୯ଟାରେ ଉପଜିଲାପାଳ, ପୌରନିର୍ବାହୀ ଅଧିକାରୀ, ତହସିଲଦାର ଏବଂ ଏକ୍‌ଜ୍ୟୁଟିଭ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅଧିକାରୀ, ଏସ୍‌ଡିପିଓ ଅନିଲ ମହାନ୍ତି, ଅନ୍ୟ ଥାନା ଅଧିକାରୀ, ପୋଲିସ ଫୋର୍ସ ସହ ଟ୍ରାଫିକ ଛକରେ ପହଞ୍ଚିଥିଲେ। ଶତାଧିକ ବ୍ୟବସାୟୀ ପହଞ୍ଚି ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିବା ସହ ଧାରଣା ଦେଇଥିଲେ। ସାଢ଼େ ୪ଘଣ୍ଟା ଧାରଣା ଜାରି ରହିଥିଲା। ଆଲୋଚନା ପରେ ଉଚ୍ଛେଦ ସ୍ଥଗିତ ରଖାଯାଇଥିବା ଉପଜିଲାପାଳ ସୂଚନା ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସନ୍ଧ୍ୟାରେ ଦୋକାନବଜାର ସ୍ୱାଭାବିକ ହୋଇଥିଲା।

### ୧୬ରୁ ଉଚ୍ଛେଦ ଅଭିଯାନ ଆରମ୍ଭ

ଆଲୋଚନା ପରେ ଉଚ୍ଛେଦ ପ୍ରକ୍ରିୟାକୁ ସାମୟିକ ୫ଦିନ ଅର୍ଥାତ୍ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ୧୬ ତାରିଖରୁ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯିବ। ଭେଣ୍ଡିଂଜୋନ୍ ୭୦% କାର୍ଯ୍ୟ ସରିଛି। ବ୍ୟବସାୟୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେଠାରେ ସମସ୍ତ ସୁବିଧା ଉପଲବ୍ଧ କରାଯିବ ବୋଲି ଉପଜିଲାପାଳ କହିଛନ୍ତି।

### ଏମାନେ ଯାହା କୁହନ୍ତି...

"ପୂର୍ବରୁ ବ୍ଲକ କାର୍ଯ୍ୟାଳୟରେ ଏନେଇ ଆଲୋଚନା ହୋଇଥିଲା। ବାରମ୍ବାର ସମୀକ୍ଷା କରାଯାଇଛି। ପୂର୍ବ ବୈଠକରେ ବ୍ୟବସାୟୀଙ୍କ ସହମତିରେ କାର୍ଯ୍ୟକାରୀ କରାଯାଇଛି। ବ୍ୟବସାୟୀଙ୍କ ସହ ଆଲୋଚନା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି। ଟ୍ରାଫିକ ସମସ୍ୟା, ସହରର ସୌନ୍ଦର୍ଯ୍ୟକରଣ ପାଇଁ ଏକାଧିକ ଥର ଆଲୋଚନା ହୋଇଛି। ଏଥିଲାଗି ଉଚ୍ଛେଦ ଜରୁରୀ ହୋଇପଡିଛି। ବ୍ୟବସାୟୀମାନଙ୍କୁ ଉପଯୁକ୍ତଭାବେ ଥଇଥାନ କରାଯିବ।

**-ଦୀପ୍ତିରଞ୍ଜନ ସେଠୀ, ଉପଜିଲାପାଳ**

"୨୦୦୩ରେ ତତ୍କାଳୀନ ଜିଲାପାଳଙ୍କ ତତ୍ତ୍ୱାବଧାନରେ ହାବେଳି ପଡ଼ିଆରେ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଟୋକନ ମନି ଦିଆଯାଇଥିଲା। କମ୍ପ୍ଲେକ୍ସ ନିର୍ମାଣ ପାଇଁ ପୂର୍ବରୁ ୩୪ କୋଟି ଟେଣ୍ଡର ହୋଇଥିଲା। କୌଣସି କାରଣରୁ ତାହା ହୋଇପାରିଲା ନାହିଁ। ବ୍ୟବସାୟୀ ମହାସଂଘର ଏବେବି ମୁଁ ସଭାପତି ଅଛି। ବ୍ୟବସାୟୀଙ୍କ ପାଇଁ ଯାହା ହିତ, ତାହା କରାଯିବ।

**-ରାଜେନ୍ଦ୍ର ସାହୁ, ପୂର୍ବତନ ବିଧାୟକ**

"ଖୋର୍ଦ୍ଧାରେ ଦୀର୍ଘଦିନ ଏହି ବ୍ୟବସାୟୀମାନେ ବ୍ୟବସାୟ କରିଆସୁଛନ୍ତି। ଆଗକୁ ମାର୍ଗଶିର ଶେଷ ଗୁରୁବାର ରହିଛି। ଏହି ସମୟରେ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯିବା ନିନ୍ଦନୀୟ। ସହରର ବିକାଶ ଏବଂ ସୌନ୍ଦର୍ଯ୍ୟକରଣ ହେଉ, କିନ୍ତୁ ବ୍ୟବସାୟୀଙ୍କୁ ହଇରାଣ କରା ନ ଯାଉ।

**-ସୁରେଶ ରାଉତରାୟ, ପୂର୍ବତନ ବିଧାୟକ**

### ସମୟ ଦେଲାନି ପ୍ରଶାସନ

ସୋମବାର ସନ୍ଧ୍ୟା ୭ଟାରେ ପ୍ରଚାର କଲେ, ୧୨ ଘଣ୍ଟା ହୋଇନି ଜେସିବି ନେଇ ଉଚ୍ଛେଦ ପାଇଁ ପ୍ରଶାସନିକ ଅଧିକାରୀ ପହଞ୍ଚିଲେ। ଦୋକାନ ଭାଙ୍ଗିଯିବା ଭୟରେ କେତେଜଣ ବ୍ୟବସାୟୀ ସାମଗ୍ରୀ ନେଇଯାଇଛନ୍ତି। ଭେଣ୍ଡିଂଜୋନ୍ କାମ ସରିନି। ଏଠାରୁ ଉଠିଗଲେ, କୁଆଡ଼େ ଯିବୁ। ପ୍ରଶାସନ ମାନବିକତା ଭୁଲିଗଲା ବୋଲି କେତେଜଣ ବ୍ୟବସାୟୀ କହିଛନ୍ତି।

ବ୍ୟବସାୟୀ ମହାସଂଘର ମିଳିତ ବୈଠକ

# କୋର୍ କମିଟି ଗଠିତ


ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ବୋଧନ ଦେଉଛନ୍ତି।

**ଖୋର୍ଦ୍ଧା,୧୦।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧାରେ ବ୍ୟବସାୟ ପ୍ରତିଷ୍ଠାନ ଉଚ୍ଛେଦ ନିଷ୍ପତ୍ତିକୁ ନେଇ ବ୍ୟବସାୟୀମାନେ ପ୍ରତିବାଦ କରିଥିଲେ। ୨୪ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ସନ୍ଧ୍ୟାରେ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ସମସ୍ତ ୨୭ଟି ବ୍ୟବସାୟୀ ସଂଘର ସଦସ୍ୟ ଯୋଗଦେଇଥିଲେ। ମହାସଂଘ ସଭାପତି ସାରଦା ଚରଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ସ୍ୱାଗତିକା ପଟ୍ଟନାୟକ ଏବଂ ସମସ୍ତ କାଉନ୍‌ସିଲର ଯୋଗଦେଇଥିଲେ। ଏହି ବୈଠକରେ ଥଇଥାନ ପାଇଁ ଆଲୋଚନା ହୋଇଥିଲା। ପ୍ରଶାସନର ଉଚ୍ଛେଦ ନିଷ୍ପତ୍ତିକୁ ସମସ୍ତେ ବିରୋଧ କରି ୫ଦିନ ମଧ୍ୟରେ ପ୍ରଶାସନ ସହ ଆଲୋଚନା କରିବାକୁ ଏବଂ ଥଇଥାନ ନ ହେବା ପର୍ଯ୍ୟନ୍ତ ଉଚ୍ଛେଦ ନିଷ୍ପତ୍ତି ନ ନେବାକୁ ସମସ୍ତେ ମତ ରଖିଥିଲେ। ୨୭ଟି ସଂଘର କର୍ମକର୍ତ୍ତା, ବ୍ୟବସାୟୀ ମହାସଂଘର କର୍ମକର୍ତ୍ତା, ସମସ୍ତ କାଉନସିଲର ଏବଂ ରାଜନେତାଙ୍କୁ ନେଇ ଏକ କୋର୍ କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ଏହି କୋର କମିଟି ପ୍ରଶାସନ ସହ ଆଲୋଚନା କରିବ ବୋଲି ନିଷ୍ପତ୍ତି ହୋଇଛି।

# ଜଣ୍ଡିସ୍ ରୋଗୀଙ୍କୁ ଭେଟିଲେ ବାଚସ୍ପତି



**ଟାଙ୍ଗୀ,୧୦।୧୨(ରଘୁନାଥ ସାହୁ)**

### ପାନୀୟ ଜଳ ଯୋଗାଣ ପାଇପ୍‌ର ସ୍ଥିତି ପରଖିଲେ

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଚାନ୍ଦପୁର, କନ୍ଦନୟାଗଡ଼ ଏବଂ ଜେମାଦେଈପୁର ଗ୍ରାମର କେତେଜଣ ମହିଳା, ପୁରୁଷ ଓ ଶିଶୁ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ମଙ୍ଗଳବାର ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଚାନ୍ଦପୁର ଗସ୍ତ କରି ରୋଗୀମାନଙ୍କ ଘରକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ବିଶୁଦ୍ଧକରଣ କରିବା ସହ ଯୋଗାଣ ପାଇପ୍‌କୁ ତୁରନ୍ତ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପାଇଁ ସ୍ଥାନୀୟ ଜନସାଧାରଣ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ପ୍ରକାଶ ଯେ, କିଛିଦିନ ପୂର୍ବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀମାନେ ଅଞ୍ଚଳର ପାନୀୟଜଳ ପରୀକ୍ଷା, ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଫେରିଛନ୍ତି। ୧୨ଟି ନମୁନାରୁ ୬ଟି ପଜିଟିଭ ଜଣାପଡିଥିଲା।

## ରେଳଧାରଣାର ପୃଥକ୍ ସ୍ଥାନରୁ ମିଳିଲା ୨ ମୃତଦେହ

**ନିରାକାରପୁର,୧୦।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ରେଲୱେ ପୋଲିସ ମଙ୍ଗଳବାର ରେଳଧାରଣାର ପୃଥକ୍ ସ୍ଥାନରୁ ଦୁଇଟି ମୃତଦେହ ଜବତ କରିଛି। ଗଙ୍ଗାଧରପୁର ରେଲୱେ ଷ୍ଟେଶନ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିପଦା ଗ୍ରାମର ବିଷ୍ଣୁ ଘଡ଼େଇ(୬୫)। ଖବରପାଇ ରେଲୱେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୭୭/୨୪) ରୁଜୁ ହୋଇଛି। ସେହିପରି କାଲୁପଡ଼ା ଏବଂ କୁହୁଡ଼ି ରେଲୱେ ଷ୍ଟେଶନର ମଧ୍ୟବର୍ତ୍ତୀ ଅଞ୍ଚଳର ଥିବା ଏକ ନାଳ ନିକଟରୁ ରେଲୱେ ପୋଲିସ ଜଣେ ଅଚିହ୍ନା ବୃଦ୍ଧାଙ୍କ ଗଳିତ ମୃତଦେହ ଜବତ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୭୮/୨୪)ରୁଜୁ ହୋଇଛି।


ଟାଙ୍ଗୀ: ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ମେଗା ଅପାର ଦିବସ ପାଳନ ଅବସରରେ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ମେଗା ଅପାର ଦିବସ ପାଳିତ

**ଟାଙ୍ଗୀ,୧୦।୧୨(ରଘୁନାଥ ସାହୁ)**

ଟାଙ୍ଗୀ ପଞ୍ଚାୟତ ସମିତି ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଦୁଇ ଦିନ ମେଗା ଅପାର ଦିବସ ପାଳିତ ହୋଇଯାଇଛି। ପ୍ରଥମ ଦିବସରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାନେତ୍ରୀ ସୋନାଲି ମଣ୍ଡଳ, ସଭ୍ୟା ରତ୍ନୁ ମଣ୍ଡଳ, ଅଙ୍ଗନୱାଡ଼ି କର୍ମୀ ରାଜେଶ୍ୱରୀ ହାଲ୍‌ଦାର, ଶିକ୍ଷକ ବାଇଧର ବେହେରା, ଅଭିଭାବିକା ସୁମି ସାନା, କାଜଲ ସର୍ଦ୍ଦାର, ତୁଳସୀ ବିଶ୍ୱାସ ପ୍ରମୁଖ ଅତିଥିଭାବେ ଯୋଗଦେଇ କହିଥିଲେ, ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ଅପାର ଆଇଡି ଜେନେରେଟ କରି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗକୁ ଆଧାର ତଥ୍ୟ ପ୍ରଦାନ କରାଯାଇ ଶୈକ୍ଷିକ କାର୍ଯ୍ୟକ୍ରମ ୟୁଡାଇସ ତଥ୍ୟାବଳୀ ଆଦି ବିଭିନ୍ନ ସୁବିଧା ପ୍ରାପ୍ତିରେ ସାହାଯ୍ୟ କରିବ। ଏହା ସମ୍ପୂର୍ଣ୍ଣ ଗୋପନୀୟ ରହିବ। ଅଭିଭାବକଙ୍କୁ ଏନେଇ ମହାପାତ୍ର ଅଧିକ ତଥ୍ୟ ପ୍ରଦାନ ପୂର୍ବକ ସ୍ୱାକ୍ଷର ନିମନ୍ତେ ସମ୍ମତିପତ୍ର ପ୍ରଦାନ କରିଥିଲେ। ଦ୍ୱିତୀୟ ଦିବସରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜୁ ଢାଲି, ଜନପ୍ରତିନିଧି ଅସ୍ମିତା ସାନା, ଶିକ୍ଷକ ବାଇଧର ବେହେରା, ସ୍ୱାଗତିକା ରାଜ, ରୁପାଲି ପାତ୍ର, ମନୋରମା ସାହୁ ପ୍ରମୁଖ ମୋବାଇଲ ମାଧ୍ୟମରେ କିପରି ଆଇଡି ଖୋଲାଯାଇ ୟୁନିକ ନମ୍ବର ମେସେଜ୍ ମାଧ୍ୟମରେ ଆସୁଛି ଡେମୋ ପ୍ରଦର୍ଶନ କରାଇଥିଲେ। ମୋଟ ୬୪ଜଣ ଛାତ୍ରୀଛାତ୍ରଙ୍କ ଆଇଡି ଖୋଲାଯାଇଥିଲା।

# ବାଇକ୍‌କୁ ପିଟିଲା ଟ୍ରକ୍, ଜଣେ ମୃତ

**ଜଟଣୀ/ଯାଁଳା,୧୦।୧୨
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ଅଧୀନ ତଳଖେତା ଜଟଣୀ ରାସ୍ତାର ଏକ ଘରୋଇ କଲେଜ ନିକଟରେ ସୋମବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଇନ୍‌ଫୋଭ୍ୟାଲି ଥାନା ଓଗାଳପଡ଼ାରେ ରହୁଥିବା ପୁରୀ ଜିଲା ନିମାପଡ଼ା ରତନପୁର ଗ୍ରାମର ଗୋକୁଳାନନ୍ଦ ପ୍ରଧାନ(୬୧)। ସେ ସ୍ୱାସ୍ଥ୍ୟ ବିଭାଗରେ କାମ କରି ଗତ କିଛିଦିନ ହେବ ଅବସର ଗ୍ରହଣ କରିଛନ୍ତି। ସୂଚନା ମୁତାବକ, ଗୋକୁଳାନନ୍ଦ ଏବଂ ତାଙ୍କ ପୁଅ ଜଟଣୀ ଯାଇଥିଲେ। ସନ୍ଧ୍ୟା ୬ଟାରେ ଗୋକୁଳାନନ୍ଦ ବାଇକ୍‌ରେ ଆସୁଥିବା ବେଳେ ତାଙ୍କ ପୁଅ ସ୍କୁଟିରେ ଜଟଣୀରୁ ଓଗାଳପଡ଼ାକୁ ଫେରୁଥିଲେ। ତଳଖେତା–ଜଟଣୀ ରାସ୍ତାର ଏକ ଘରୋଇ କଲେଜ ସମ୍ମୁଖରେ ପଛରୁ ଆସୁଥିବା ଏକ ଟ୍ରକ୍ ଗୋକୁଳାନନ୍ଦଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଗୋକୁଳାନନ୍ଦ ରାସ୍ତାରେ ଛିଟିକି ପଡିବା ସହ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସିଦ୍ଧ ମହାବୀରଙ୍କ ବାର୍ଷିକୋତ୍ସବ

**ବେଗୁନିଆ,୧୦।୧୨(ସନ୍ଧ୍ୟାରାଣୀ ମିଶ୍ର)**

ଗେଡ଼ିଆପଲ୍ଲୀ ଗ୍ରାମର ଆରାଧ୍ୟ ସିଦ୍ଧ ମହାବୀରଙ୍କ ତୃତୀୟ ବାର୍ଷିକ ଉତ୍ସବ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଜୟ ମହାପାତ୍ରଙ୍କ ଅଧ୍ୟକ୍ଷତା ଏବଂ ଯୋଗେଶ୍ୱର ପଣ୍ଡାଙ୍କ ସଂଯୋଜନାରେ ଶିକ୍ଷାବିତ୍ ସୁଦର୍ଶନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷାବିତ୍, ମାତ୍ରିକ ଟପ୍ପର ଏବଂ ୪ଟି ସଙ୍କୀର୍ତ୍ତନ ଦଳକୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶୁଭାଧିବାସ, ନାମ ସଙ୍କୀର୍ତ୍ତନ ସହ ଅନ୍ୟାନ୍ୟ ନୀତି ହୋଇଥିଲା।

# ଭକ୍ତ ଚରଣ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ବୈଠକ

**ବୋଲଗଡ଼,୧୦।୧୨(ଦେବବ୍ରତ ହୋତା)**

ବୈଷ୍ଣବ କବି ଭକ୍ତ ଚରଣ ଦାସଙ୍କ ରଚନାବଳୀ ତଥା ସାରସ୍ୱତ କୃତିକୁ ଲୋକାଭିମୁଖୀ କରିବା ନିମନ୍ତେ ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦର ବାର୍ଷିକ ପରିବର୍ଦ୍ଧିତ ବୈଠକ କବି ପୀଠଠାରେ ସଭାପତି ତ୍ରିଲୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ରାଜକିଶୋର ବ୍ରହ୍ମା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାନପଦର ଗ୍ରାମରେ ଜନ୍ମଗ୍ରହଣ କରିଥିବା ପାଞ୍ଚଜଣ କବି ଭକ୍ତଚରଣ ଦାସ, ଦନେଇ ଦାସ, ପିଣ୍ଡିକ ଶ୍ରୀଚନ୍ଦନ, ଅନନ୍ତ ପାତାଳସିଂହ, ନାରୀକବି ନେତ୍ରମଣିଙ୍କ କାବ୍ୟ ସାହିତ୍ୟ ଆଲୋଚନା କରାଯାଇଥିଲା। ଏହି ଅବସରରେ ଗ୍ରାମ ପକ୍ଷରୁ ପରିଷଦର ନୂତନ କମିଟି ଗଠନ କରାଯାଇ କର୍ମକର୍ତ୍ତା ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ଭକ୍ତଚରଣ ସାହିତ୍ୟ ସଂସ୍କୃତି ପରିଷଦର ନୂତନ ସଭାପତିଭାବେ ଶ୍ରୀକାନ୍ତ କୁମାର ନାୟକ ଏବଂ ସମ୍ପାଦକଭାବେ ବିକ୍ରମ କେଶରୀ ସାମନ୍ତରାୟଙ୍କୁ ମନୋନୀତ କରାଯାଇଥିଲା। ଏହି କମିଟି ତଥା ପରିଷଦ ସମସ୍ତ କବିଙ୍କ ଜୟନ୍ତୀ ଓ ଶ୍ରାଦ୍ଧତିଥି କିପରି ରାଜ୍ୟସ୍ତରରେ ପାଳନ କରାଯିବ ସେଥିପାଇଁ କାର୍ଯ୍ୟ କରିବ। ଏଥିସହ କବିମାନଙ୍କର କାବ୍ୟ ଓ ରଚନାବଳୀ କିପରି ଲୋକାଭିମୁଖୀ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମିତି ସଭ୍ୟ ଦିଲୀପ କୁମାର ମହାପାତ୍ର, ଅଜୟ ମଙ୍ଗରାଜ, ଅର୍ଜୁନ ପଟ୍ଟନାୟକ, ସୁରେଶ ଚନ୍ଦ୍ର ମହାପାତ୍ର, ଯୋଗୀନାଥ ନାୟକ, ବିଜୟ ସାହୁ, ବିଜୟ ଗୁମାନସିଂହ, ଗଗନ ସ୍ୱାଇଁ, ମଧୁସୂଦନ ସାମନ୍ତରାୟ, ପ୍ରକାଶ ଚନ୍ଦ୍ର ସିଂହ, ରମେଶ ମହାରଣା, ଶରତ ସ୍ୱାଇଁ, ଅଶୋକ ନାୟକ, ଅର୍ଜୁନ ଦାସ, ମାନସ ରଞ୍ଜନ ସାମନ୍ତରାୟ, ପ୍ରକାଶ ଚନ୍ଦ୍ର ନାୟକ, ପ୍ରଦୀପ ମହାପାତ୍ର, କୈଳାସ ନାୟକ, ଅନାମ ନାୟକ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶେଷରେ ନୂତନ ସଭାପତି ନାୟକ ଧନ୍ୟବାଦ ଦେଇଥିଲେ।

# ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ବାଘମାରୀ,୧୦।୧୨
(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଗୋଡ଼ିପୋଖରୀ ବାବା ବାଲୁଙ୍କେଶ୍ୱର କ୍ଲବ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କ୍ରୀଡ଼ା ଶିକ୍ଷକ ମନମୋହନ ସାମନ୍ତରାୟ, ଶିକ୍ଷାବିତ୍ ଅମୂଲ୍ୟ କୁମାର ସିଂହ, ଆଲୋକ କୁମାର ବେହେରା, ମହେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏଥିରେ ଇଟାମାଟି, ରଥିପୁର, ଦାରୁଠେଙ୍ଗ, ଭୁବନେଶ୍ୱର, ରାଉତପଡ଼ା, କୁରାଡ଼ିଲେ, ଭେଡା ଆଦି ୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ରେଫରି ଭାବେ ଲଳିତ ମୋହନ ବଳିୟାରସିଂହ, ଶଙ୍କର୍ଷଣ ମଲ୍ଲିକ ଯୋଗଦେଇ ମ୍ୟାଚ୍ ପରିଚାଳନା କରୁଛନ୍ତି।

# ସରିଲା ବାର୍ଷିକ କ୍ରୀଡ଼ା ଉତ୍ସବ

**ବେଗୁନିଆ,୧୦।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ତିନିଦିନ ଧରି ଚାଲିଥିବା ସପ୍ତଦଶ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ପୂଜକ କାଶୀନାଥ ମହାପାତ୍ର ପୂଜାର୍ଚ୍ଚନା କରିବା ପରେ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଶିଶୁ ମନ୍ଦିର ପରିସରରେ ପହଞ୍ଚିଥିଲା। ପରେ ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ନେତୃତ୍ୱ ଏବଂ କ୍ରୀଡ଼ା ଶିକ୍ଷକ କସ୍ତୁରୀ କାମୋଦିନୀ ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶ ପତାକା ଉତ୍ତୋଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା, ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ, ସମ୍ପାଦକ ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କନିଷ୍ଠ, ଶିଶୁ ଏବଂ ବାଲ୍‌ବର୍ଗର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ସମେତ ଗୁରୁମା' ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ମା' ଜାଗେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟ

# ସେମିଫାଇନାଲରେ ବଡ଼ବେରଣା

**ବେଗୁନିଆ,୧୦।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ହଜ୍ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ଗ୍ରାମସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ମା' ଜାଗେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ମଙ୍ଗଳବାର ବଡ଼ବେରଣାର ମା'ଡୁମଣୀ ଫୁଟ୍‌ବଲ କ୍ଲବ ଏବଂ ଶରଧାପୁରର ଫ୍ରେଣ୍ଡ୍‌ସ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହା ଉପରେ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ବଡ଼ବେରଣା ଟିମ୍ ଗୋଟିଏ ଗୋଲ ଦେଇ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୁଧୀର ପ୍ରଧାନ ଏବଂ ଟୁକୁନା ନାୟକ ଲାଇନ୍ସରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ଆଇନଜୀବୀ ସଂଘର ସମ୍ପାଦକ ପ୍ରଭଞ୍ଜନ ଜେନା, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଏସ୍‌ଡିଜେଏମ୍ କୋର୍ଟର ସରକାରୀ ଆଇନଜୀବୀ ତଥା ବେଗୁନିଆ ବ୍ଲକର ସାମାଜିକ କର୍ମୀ ସୁଶାନ୍ତ କୁମାର ରାୟ, ଖୋର୍ଦ୍ଧା କୋର୍ଟର ଆଇନଜୀବୀ ଲଲାଟ କେଶରୀ ପ୍ରଧାନ ପ୍ରମୁଖ ଯୋଗଦେଇ ମ୍ୟାଚକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ବୁଧବାର କଡ଼ବ ଏବଂ ଛତିପୁର କ୍ଲବ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

# ମିଶନ୍ ଶକ୍ତି ମହିଳା ପ୍ରସଙ୍ଗକୁ ନେଇ ହଟ୍ଟଗୋଳ

- ମହିଳାଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିଲା: ଭାଜପା
- ୮୩୩ ଟଙ୍କାରେ କି ସଶକ୍ତୀକରଣ ହେବ: ବିଜେଡି
- ଉଭୟ ବିଜେଡି, ଭାଜପା ଦାୟୀ:କଂଗ୍ରେସ

ଭୁବନେଶ୍ୱର,୧୦।୧୨(ଅନିଲ ଦାସ)


ବିଧାନସଭାରେ ମିଶନ ଶକ୍ତି ମହିଳା ପ୍ରସଙ୍ଗକୁ ନେଇ ବିରୋଧୀମାନେ ହଟ୍ଟଗୋଳ କରୁଛନ୍ତି।

ମିଶନ୍ ଶକ୍ତି ସପୋର୍ଟ ଷ୍ଟାଫ୍ ଏମ୍‌ବିକେ, ସିଆର୍‌ପି ଏବଂ ବ୍ୟାଙ୍କ ମିତ୍ର ପ୍ରସଙ୍ଗକୁ ନେଇ ବିଧାନସଭାରେ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ ହୋଇଛି। ଏହି ପ୍ରସଙ୍ଗରେ ବିରୋଧୀ–ଶାସକ ମୁହାଁମୁହିଁ ହୋଇଛନ୍ତି। ବିଜେଡି ଅଭିଯୋଗ କରିଛି, ରାଜ୍ୟ ସରକାର ମିଶନ୍ ଶକ୍ତିକୁ ସଶକ୍ତ କରିବା ପାଇଁ କାମ କରୁଥିବା ଏମ୍‌ବିକେ, ସିଆର୍‌ପି ଏବଂ ବ୍ୟାଙ୍କ ମିତ୍ର ୮ ମାସ ହେବ ଦରମା ନ ପାଇ ରାସ୍ତାକୁ ଓହ୍ଲାଇଛନ୍ତି। ମିଶନ୍ ଶକ୍ତିକୁ ବନ୍ଦ କରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସରକାର ତୁରନ୍ତ ସେମାନଙ୍କୁ ଦରମା ଦେବା ସହ ଅନ୍ୟାନ୍ୟ ଦାବି ପୂରଣ କରନ୍ତୁ। ସୁଭଦ୍ରା ଯୋଜନାରେ ମାସକୁ ଜଣେ ମହିଳାଙ୍କୁ ୮୩୩ ଟଙ୍କା ପଡୁଛି। ସେଥିରେ ମହିଳାମାନେ କିଉଦ୍ୟୋଗୀ ହେବେ ବୋଲି ବିଜେଡି ପ୍ରଶ୍ନ କରିଛି। ଅନ୍ୟପକ୍ଷରେ ଶାସକ ଭାଜପା ମଧ୍ୟ ଗତ ସରକାରର କୃତକର୍ମ ମହିଳାମାନେ ଭୋଗୁଛନ୍ତି ବୋଲି କହି ପାଲଟା ଆକ୍ରମଣ କରିଛି। ମିଶନ୍ ଶକ୍ତି ନାଁରେ ମହିଳାଙ୍କୁ ସଶକ୍ତ କରିବା ବଦଳରେ ସେମାନଙ୍କୁ ପ୍ରତାରଣା କରାଯାଇଛି। ସେମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ଦଳୀୟ କାର୍ଯ୍ୟରେ ବ୍ୟବହାର କରାଯାଇଛି। କଂଗ୍ରେସ ଏହି ପ୍ରସଙ୍ଗରେ ଉଭୟଙ୍କୁ ଦାୟୀ କରିଛି। ମୋଶନ୍ ଜରିଆରେ ଏହି ପ୍ରସଙ୍ଗ ଆଲୋଚନା ପାଇଁ ଦାବି କରି ବିଜେଡି ସଦସ୍ୟମାନେ ବାଚସ୍ପତିଙ୍କ ପୋଡ଼ିୟମ ନିକଟରେ ହୋହଲ୍ଲା କରିବାରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି।

ମଙ୍ଗଳବାର ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଉତ୍ତର ଦେବାକୁ ଡାକିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏମ୍‌ବିକେ, ସିଆର୍‌ପି ଏବଂ ବ୍ୟାଙ୍କ ମିତ୍ର ପ୍ରସଙ୍ଗରେ ମୋଶନ ଆଣି ଆଲୋଚନା ପାଇଁ ଦାବି କରିଥିଲେ। ବାଚସ୍ପତି କହିଥିଲେ, ତାଙ୍କ ପାଖରେ ମୋଶନ ପହଞ୍ଚି ନାହିଁ। ଆସିଲେ ବିଚାର କରାଯିବ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବିଜେଡି ସଭ୍ୟମାନଙ୍କୁ ବାଚସ୍ପତି ନିବେଦନ କରିଥିଲେ। ମାତ୍ର ବିଜେଡି ସଭ୍ୟମାନେ ନିଜ ଜିଦ୍‌ରେ ଅଡିବସିବାରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ପ୍ରଶ୍ନକାଳ ପରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଜେଡି ସଭ୍ୟ ଧ୍ରୁବ ଚରଣ ସାହୁ କହିଥିଲେ, ମିଶନ୍ ଶକ୍ତିର ସପୋର୍ଟ ଷ୍ଟାଫ୍‌ମାନେ ୫ ବର୍ଷ ହେବ କାମ କରୁଛନ୍ତି। ଗତ ୮ ମାସ ହେବ ଦରମା ପାଇ ନାହାନ୍ତି। ସେମାନଙ୍କୁ ତୁରନ୍ତ ସରକାର ଦରମା ଦେବା ସହ ଚୁକ୍ତିକୁ ନବୀକରଣ କରିବାକୁ ସେ ଦାବି କରିଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉଭୟ ବିଜେଡି ଓ ଭାଜପା ସରକାରକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ମିଶନ ଶକ୍ତି ଓ ଏନ୍‌ଏଲ୍‌ଏମ୍‌ରେ ଯେଉଁମାନେ କାମ କରୁଛନ୍ତି ସେମାନେ ୮ ମାସ ହେବ ଦରମା ପାଇନାହାନ୍ତି। ଏ ସରକାର ଆସିବାର ୬ ମାସ ପରେ ମଧ୍ୟ ମହିଳାଙ୍କ ପ୍ରତି ସମ୍ବେଦନଶୀଳ ନାହାନ୍ତି। ତୁରନ୍ତ ସେମାନଙ୍କୁ ଦରମା ଦିଆଯାଉ।

ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ୨୪ ବର୍ଷ ଧରି ମହିଳାଙ୍କୁ ସଶକ୍ତ କରିଦେଲୁ ବୋଲି କହି ବୁଲୁଥିଲେ। ଆମ ସରକାର ୫ ମାସ ହେବ ଆସିଛି। ୩ ମାସ ପୂର୍ବରୁ କାହିଁକି ଚୁକ୍ତି ନବୀକରଣ କରାଯାଉ ନ ଥିଲା। ମମିତା ମେହେର, କୁନ୍ଧୁଲି ପୀଡ଼ିତା ମହିଳା ଥିଲେ କି ନାହିଁ। କୁଆଡ଼େ ଯାଇଥିଲା ସେମାଙ୍କର ସମ୍ବେଦନଶୀଳତା। ମହିଳାମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ବ୍ୟବହାରରୁ କ୍ଷାନ୍ତ କରାଯିବା ଦରକାର। ମହିଳାଙ୍କୁ ରାସ୍ତାରେ ବସିବା ପାଇଁ ବିଜେଡି ବାଧ୍ୟ କରିଛି। ସୁଭଦ୍ରା ଯୋଜନା ମାଧ୍ୟମରେ ମୋହନ ମାଝୀଙ୍କ ସରକାର ମହିଳାଙ୍କୁ ସଶକ୍ତ କରିବା କାମ ଆରମ୍ଭ କରିସାରିଛନ୍ତି। ବିଜେଡି ସଭ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ମାସିକ ୮୩୩ ଟଙ୍କା ଦିଆଯାଉଛି। ଏଥିରେ କି ସଶକ୍ତୀକରଣ ହେବ। ବିଧାନସଭା ବାହାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମହିଳାଙ୍କୁ କେହି ବିଭ୍ରାନ୍ତ କରନ୍ତୁ ନାହିଁ। କାହା କଥାରେ ପଡ଼ି ରାସ୍ତାରେ ଗଡ଼ିବା ଆବଶ୍ୟକତା ନାହିଁ। ମହିଳାଙ୍କ ସ୍ୱାର୍ଥରେ ଯାହା ଉଚିତ ତାହା ପଦକ୍ଷେପ ନିଆଯିବ।

# ରାଜ୍ୟ ସଭା ଉପନିର୍ବାଚନରେ ସୁଜିତ୍ ଜଣେମାତ୍ର ପ୍ରାର୍ଥୀ

ଭୁବନେଶ୍ୱର, ୧୦।୧୨(ସୁନିତ୍ ମିଶ୍ର)

ଓଡ଼ିଶାର ଏକ ମାତ୍ର ରାଜ୍ୟ ସଭା ଆସନ ଲାଗି ଆସନ୍ତା ୨୦ ତାରିଖରେ ହେବାକୁ ଥିବା ଉପନିର୍ବାଚନ ପାଇଁ ଭାଜପାର ସୁଜିତ୍ କୁମାର ଜଣେମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ଏନେଇ ଓଡ଼ିଶା ବିଧାନସଭା ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତେଣୁ ସୁଜିତ କୁମାର ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ମନୋନୀତ ହେବେ। ଏଥିଲାଗି ଆଉ ଭୋଟ ଗ୍ରହଣର ମଧ୍ୟ ଆବଶ୍ୟକତା ପଡ଼ିବ ନାହିଁ। ରାଜ୍ୟ ସଭା ଉପନିର୍ବାଚନ ଲାଗି ମଙ୍ଗଳବାର ନାମାଙ୍କନପତ୍ର ଦାଖଲର ଶେଷଦିନ ଥିଲା। ହେଲେ ସୁଜିତ୍‌ଙ୍କ ଛଡ଼ା କଂଗ୍ରେସ ଏବଂ ବିଜେଡି କାହାକୁ ଉପନିର୍ବାଚନରେ ପ୍ରାର୍ଥୀ କରିନାହାନ୍ତି। ସଂଖ୍ୟା ଦୃଷ୍ଟିରୁ ଏହି ଆସନ ଭାଜପା ଖାତାକୁ ଯିବା ଏକ ପ୍ରକାର ନିଶ୍ଚିତ। ତେଣୁ କଂଗ୍ରେସ ଏବଂ ବିଜେଡି ସେଥିଲାଗି କାହାକୁ ପ୍ରାର୍ଥୀ କରିପାରି ନ ଥାନ୍ତେ। ଗତ ସେପ୍ଟେମ୍ବରରେ ସୁଜିତ୍ କୁମାର ରାଜ୍ୟ ସଭାରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା। ସେ ରାଜ୍ୟ ସଭା ପଦ ସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ଏହାପରେ ଭାଜପାରେ ମିଶିଥିଲେ। ଖାଲିଥିବା ଏହି ଗୋଟିଏ ରାଜ୍ୟ ସଭା ପଦବୀ ପାଇଁ ଉପନିର୍ବାଚନ ହେବାକୁ ଯାଉଥିବା ବେଳେ ଭାଜପା ସୁଜିତ୍ କୁମାରଙ୍କୁ ପ୍ରାର୍ଥୀ କରିଛି। ସୋମବାର ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଦାଖଲ କରିଥିଲେ। ସେ ଏକୁଟିଆ ମନୋନୟନପତ୍ର ଦାଖଲ କରିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଏକ ପ୍ରକାର ନିଶ୍ଚିତ। ସେ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଏହି ପଦରେ ରହିବେ।

# ଭାଜପାରେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା


ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରୁଛନ୍ତି।

ବେଲଗୁଣ୍ଠା,୧୦।୧୨(କୃଷ୍ଣଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରମିଳା ପ୍ରଧାନ ମଙ୍ଗଳବାର ଭାଜପାରେ ଯୋଗ ଦେଇଛନ୍ତି। ଏହି ପଞ୍ଚାୟତ ସମିତିରେ ଅଧ୍ୟକ୍ଷ ଥିବା ବିଜେଡିର ପ୍ରଶାନ୍ତ ନାୟକଙ୍କ ବିୟୋଗ ପରେ ସେତେବେଳେ ଉପାଧ୍ୟକ୍ଷା ଥିବା ପ୍ରମିଳା ଅଧ୍ୟକ୍ଷା ଦାୟିତ୍ୱ ନେଇଥିଲେ। ଏବେ ସେ ଭାଜପାରେ ଯୋଗଦେଇ ଦଳର ପ୍ରାଥମିକ ସଦସ୍ୟା ହୋଇଛନ୍ତି। ଏହି ସମୟରେ ରାଜ୍ୟ କାର୍ଯ୍ୟାଳୟଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୋଲସରା ବିଧାୟକ ତଥା ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମିଳାଙ୍କ ସ୍ୱାମୀ ପ୍ରମୋଦ ପ୍ରଧାନ ଉପସ୍ଥିତ ଥିଲେ। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ପ୍ରମିଳାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଏବଂ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ ଜନକଲ୍ୟାଣ ଦିଗରେ ସକ୍ରିୟ ଭାଗୀଦାରିତା ପାଇଁ ମୁଁ ଭାଜପାରେ ଯୋଗ ଦେଲି ବୋଲି ନିଜ ପ୍ରତିକ୍ରିୟାରେ ପ୍ରମିଳା କହିଛନ୍ତି।

# ଡବଲ ଇଞ୍ଜିନ ଲଢ଼େଇ ନ କରି ଲୋକଙ୍କୁ କାମ ଦେଉ: କଂଗ୍ରେସ

ଭୁବନେଶ୍ୱର,୧୦।୧୨(ଅନିଲ ଦାସ)

## ମୁଲତବୀ ଆଲୋଚନା

- ଶ୍ରମଦିବସ ସୃଷ୍ଟିରେ ସରକାର ବିଫଳ: ବିଜେଡି
- ନିଯୁକ୍ତି ମେଳା ନାଁରେ ପଇସା ନିଆଯାଉଥିଲା: ଭାଜପା

ରାଜ୍ୟ ସରକାର ଗରିବ ଶ୍ରମିକମାନଙ୍କୁ କାମ ଯୋଗାଇବାରେ ବିଫଳ ହୋଇଛନ୍ତି। କାମଧନ୍ଦା ନ ପାଇ ବହୁ ସଂଖ୍ୟାରେ ଶ୍ରମିକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ସେମାନଙ୍କ ମଧ୍ୟରୁ କେତେକେ ମୃତ୍ୟୁ ମୁଖରେ ପଡୁଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମାନବ ଦିବସ ସୃଷ୍ଟି କରିବାରେ ସରକାର ବିଫଳ ହୋଇଛନ୍ତି। ମେସିନ ସହାୟତାରେ କାମ କରାଯାଇ ଶ୍ରମିକଙ୍କ ପାରିଶ୍ରମିକକୁ ହଡପ କରାଯାଇଛି। ଦାଦନ ସମସ୍ୟାକୁ ନେଇ ବିରୋଧୀ ସରକାରଙ୍କୁ ଏଭଳି ଢଙ୍ଗରେ ସାମଲୋଚନା କରିଛନ୍ତି। ଶାସକ ଦଳ ମଧ୍ୟ ପୂର୍ବ ସରକାର ଉପରେ ବର୍ଷିଛନ୍ତି। ୨୪ ବର୍ଷ ଶାସନ ପରେ ମଧ୍ୟ ରାଜ୍ୟରୁ ହଜାର ହଜାର ଲୋକ ଅନ୍ୟ ରାଜ୍ୟକୁ କାମ ଅନ୍ୱେଷଣରେ ଚାଲିଯାଉଛନ୍ତି। ଆଉ କେତେ ସମୟ ମିଳିଥିଲେ ଏହି ସମସ୍ୟା ସମାଧାନ ହୋଇପାରିଥାଆନ୍ତା ବୋଲି ଭାଜପା ସଦସ୍ୟମାନେ ପାଲଟା ଜବାବ ଦେଇଛନ୍ତି।

'କାମ ଓ ରୋଜଗାର ...ସରକାରଙ୍କ ଆନ୍ତରିକତା ନାହିଁ' ମୁଲତବୀ ପ୍ରସ୍ତାବ ଆଗତ କରି କଂଗ୍ରେସ ସଭ୍ୟ ଅଶୋକ କୁମାର ଦାସ କହିଛନ୍ତି, ଲୋକଙ୍କୁ କାମ ଯୋଗାଇ ନ ଥିବା ଲୋକ ବିରୋଧୀ ଦଳରେ ବସିଛନ୍ତି। କେନ୍ଦ୍ର ସରକାର ବର୍ଷକୁ ୨ କୋଟି ଓ ରାଜ୍ୟ ସରକାର ବର୍ଷକୁ ୨ ଲକ୍ଷ ନିଯୁକ୍ତି ଦେବାକୁ କହିଥିଲେ। ଗତ ମାସରେ ୧ ଲକ୍ଷ ନିଯୁକ୍ତି ମିଳିବା କଥା। ସରକାରଙ୍କ ନିକଟରେ ୨ ଲକ୍ଷ ପଦବୀ ଖାଲି ପଡ଼ିଛି। ସରକାରୀ ଚାକିରିକୁ ନିଲାମ କରାଯାଇଛି। କୋଠାବାଡ଼ି ଥିବା ଲୋକ ଜବ୍ କାର୍ଡ ପାଉଛନ୍ତି। ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି। ଡବଲ ଇଞ୍ଜିନ ସରକାର କେବଳ ଏଠି ଲଢ଼େଇ ନ କରି ଲୋକଙ୍କୁ କିପରି ରୋଜଗାର ଦିଆଯିବ ସେ ବିଷୟରେ ଚିନ୍ତା କରନ୍ତୁ ବୋଲି କହିଛନ୍ତି। କଂଗ୍ରେସ ସଭ୍ୟ ସୋଫିଆ ଫିର୍ଦ୍ଦୌସ କହିଛନ୍ତି, କାମ ନ ପାଇଁ ରାଜ୍ୟର ଲକ୍ଷ ଲକ୍ଷ ଲୋକ ଇଟାଭାଟି ଓ ସୂତାକଳରେ କାମ କରିବାକୁ ଚାଲି ଯାଉଛନ୍ତି। ଗତ ସରକାର ସମୟରେ ୧,୮୪, ୨୬୭ ଜଣଙ୍କୁ ଦକ୍ଷତା ତାଲିମ ଦିଆଗଲା। ସେଥିରୁ କେବଳ ୧ ଲକ୍ଷଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟରେ କାମ କରୁଥିବା ୧୧୨୦ କଣ୍ଟ୍ରାକ୍ଟରଙ୍କ ମଧ୍ୟରୁ ମାତ୍ର ୫୮୩ ଓଡ଼ିଶାରୁ କାମ କରୁଛନ୍ତି। ସ୍ଥାନୀୟ ଲୋକ କାମ ପାଉ ନାହାନ୍ତି। ମୁଖ୍ୟମନ୍ତ୍ରୀ ନିଜେ କହିଲେ ଏଏସଓ ଚାକିରି ବିକ୍ରି ହେଉଥିଲା। ଯଦି ପ୍ରମାଣ ଅଛି ତେବେ ଦୋଷୀଙ୍କୁ ଦଣ୍ଡ ଦିଆଯାଉ ବୋଲି କହିଥିଲେ। ବିଜେଡି ସଭ୍ୟ କଳିକେଶ ନାରାୟଣ ସିଂହଦେଓ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯେତିକି ଶ୍ରମ ଦିବସ ସୃଷ୍ଟି କରାଯିବା କଥା କରାଯାଉ ନାହିଁ। ଶ୍ରମ ଦିବସ ସୃଷ୍ଟି କରିବାରେ ସରକାର ବିଫଳ ହୋଇଛନ୍ତି। ବଲାଙ୍ଗୀର, କୋରାପୁଟ, କଳାହାଣ୍ଡି, ମାଲକାନଗିରି ଭଳି ୧୪ ଜିଲାରୁ ବହୁ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ଲେବର ସର୍ଦ୍ଦାରମାନେ ଲୋକଙ୍କୁ ବାହାର ରାଜ୍ୟକୁ ନେଇ ଯାଉଛନ୍ତି। ଏହାକୁ ରୋକିବାକୁ ହେବ। ବିଜେଡି ସଭ୍ୟ ରମେଶ ବେହେରା ଓ ଗଣେଶ୍ୱର ବେହେରା ଦାଦନ ସମସ୍ୟାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଭାଜପା ସଭ୍ୟ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିବା ସହ ପୂର୍ବ ସରକାରକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, କେତେ ସମୟ ନେଇଥିଲେ ଗତ ସରକାର ରାଜ୍ୟରୁ ଦାଦନ ଶ୍ରମିକ ରୋକି ପାରିଥାଆନ୍ତେ। ମେସିନ ଲଗାଇ ଏମ୍‌ଜିଏନଆର୍‌ଇଜିଏସ୍ କାମ କରାଯାଉଥିଲା। ବିରୋଧୀ ଦଳ ନେତାଙ୍କ ଜିଲା ଗଞ୍ଜାମରୁ ବହୁ ଲୋକ ଦାଦନ ଖଟିବାକୁ ଯାଉଛନ୍ତି। ମାଇଗ୍ରେସନ ଲେବରଙ୍କ ସର୍ଦ୍ଦାର କିଏ ଥିଲେ। ନିଯୁକ୍ତି ମେଳା ନାଁରେ ଯୁବତୀଯୁବକଙ୍କଠାରୁ ପଇସା ନିଆଯାଉଥିଲା। ରାଜ୍ୟରେ ମହିଳା ବେକାରିଙ୍କ ହାର ୩୧.୯ ପ୍ରତିଶତ ରହିଛି। ଓଡ଼ିଆ ଯୁବକଙ୍କ ମୁଣ୍ଡରେ ପୂର୍ବ ସରକାର ଦାଦନ କଳଙ୍କ ଲଗାଇଛନ୍ତି। ସେ ଯେଉଁ ପାପ କରିଛନ୍ତି ଆମକୁ ତାହାର ପ୍ରାୟଶ୍ଚିତ୍ତ କରିବାକୁ ପଡୁଛି। ଭାଜପା ସଭ୍ୟ ଇରାଶିଷ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ନାୟକ, ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରମୁଖ ରାଜ୍ୟର ବେକାରି ଓ ଦାଦନ ସମସ୍ୟା ପାଇଁ ବିଜେଡି ସରକାରକୁ ଦାୟୀ କରିଥିଲେ।

# ୧୧ ମାସରେ ଓଡ଼ିଶା ଆସିଛି ୧୧୨ ପ୍ରବାସୀ ଶ୍ରମିକଙ୍କ ମୃତଦେହ

ଭୁବନେଶ୍ୱର,୧୦।୧୨(ଅନିଲ ଦାସ)

## ଶ୍ରମିକଙ୍କ ପାଇଁ ଗଠନ ହୋଇଛି ଟାସ୍କଫୋର୍ସ: ଶ୍ରମ ମନ୍ତ୍ରୀ

୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ବାହାର ରାଜ୍ୟରୁ ୧୧୨ ପ୍ରବାସୀ ଶ୍ରମିକଙ୍କ ମୃତ ଶରୀର ନିଜ ଗ୍ରାମକୁ ସରକାରଙ୍କ ତତ୍ତ୍ୱାବଧାନରେ ଅଣାଯାଇଅଛି। ୧୪ ଗୋଟି ପ୍ରବାସୀ ଶ୍ରମିକ ପ୍ରବଣ ଜିଲାକୁ ପ୍ରତ୍ୟେକ ୧୫ଲକ୍ଷ ଟଙ୍କାର ସହାୟତା ରାଶି ସେପ୍ଟେମ୍ବର ୨୦୨୪ରେ ଯୋଗାଇ ଦିଆଯାଇଅଛି। ମଙ୍ଗଳବାର ବିଧାନସଭାରେ ମୁଲତବୀ ପ୍ରସ୍ତାବ ଜବାବରେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ସରକାର ସାମୂହିକ ଭାବରେ ପ୍ରବାସୀ ଶ୍ରମିକଙ୍କ ସମସ୍ୟା ବିଷୟରେ ଅବଗତ ଅଛନ୍ତି। ରାଜ୍ୟରେ ନୂତନ ସରକାର ଆସିବା ପରେ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ଓ ଆର୍ଥିକ ସ୍ଥିତିରେ ସୁଦୃଢ଼ତା ନିମନ୍ତେ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଜୁଲାଇ ୨୦୨୪ ମସିହାରେ ଶ୍ରମିକଙ୍କ ନିମନ୍ତେ ସର୍ବନିମ୍ନ ମଜୁରିକୁ ୪୫୦ଟଙ୍କା (ଅଣକୁଶଳୀ), ୫୦୦ଟଙ୍କା (ଅର୍ଦ୍ଧକୁଶଳୀ), ୫୫୦ଟଙ୍କା (କୁଶଳୀ) ୬୦୦ଟଙ୍କା (ଉଚ୍ଚକୁଶଳୀ)ଙ୍କ ପାଇଁ ବୃଦ୍ଧି କରିଛନ୍ତି ଏବଂ ଅକ୍ଟୋବର ୨୦୨୪ରୁ ଉପରୋକ୍ତ ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରିରେ ପରିବର୍ତ୍ତିତ ମହଙ୍ଗାଭତ୍ତାକୁ ୨ଟଙ୍କାକୁ ବୃଦ୍ଧି କରିଛନ୍ତି। "ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ନିର୍ମାଣ ଶ୍ରମିକଙ୍କ କ୍ଷେତ୍ରରେ ଅକ୍ଟୋବରରୁ ରାଜ୍ୟ ସରକାର ସ୍ୱାଭାବିକ ମୃତ୍ୟୁ ପାଇଁ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କାକୁ ସହାୟତା ରାଶି ବୃଦ୍ଧି କରାଯାଇଛି।" କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ୨୦୨୨ରେ ବାହାର ରାଜ୍ୟରେ ୯୪,୪୮୨ଜଣ ପ୍ରବାସୀ ଶ୍ରମିକଙ୍କୁ ନିୟୋଜନ ନିମନ୍ତେ ଏବଂ ୨୦୨୩ରେ ୮୧, ୨୩୨ ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରେ ନିୟୋଜନ ନିମନ୍ତେ ଲାଇସେନ୍ସ ଦିଆଯାଇଥିବା ସ୍ଥଳେ, ୨୦୨୪ ମସିହାରେ (ଅଦ୍ୟାବଧି) ୬୦,୬୮୩ଜଣ ପ୍ରବାସୀ ଶ୍ରମିକଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଅଛି। ୧୪ ପ୍ରବାସୀ ଶ୍ରମିକପ୍ରବଣ ଜିଲା ଭାବେ ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କେନ୍ଦ୍ରାପଡ଼ା, ପୁରୀ ଓ ଖୋର୍ଦ୍ଧାକୁ ଚିହ୍ନଟ କରାଯାଇଅଛି। ଦାଦନ ରୋକିବାକୁ ହେଲେ ସମସ୍ତଙ୍କର ମିଳିତ ସହଯୋଗ ଦରକାର ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୋଷ ବ୍ୟକ୍ତକରି ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବିଧାନସଭା ବାହାରକୁ ଚାଲି ଯାଇଥିଲେ।

# ଇଭିଏମ୍‌କୁ ଅବିଶ୍ୱାସ: ବାଲଟ ଦାବିକଲେ ଗ୍ରାମବାସୀ

## ମହାରାଷ୍ଟ୍ରର କୋଲେଓ୍ୱାଡ଼ିରେ ସଂକଳ୍ପନାମା ପାରିତ




ପୁଣେ, ୧୦।୧୨ (ପି.ଟି.)

ଇଭିଏମ୍ ବଦଳରେ ବାଲଟ ପେପର ବ୍ୟବହାର କରାଯାଇ ନିର୍ବାଚନ କରାଇବା ପାଇଁ ମହାରାଷ୍ଟ୍ରର ସତାରା ଜିଲା କୋଲେଓ୍ୱାଡ଼ି ଗ୍ରାମ ପକ୍ଷରୁ ସୋମବାର ସଂକଳ୍ପନାମା ପାରିତ ହୋଇଛି। ଏପରି ପ୍ରସ୍ତାବ ପାରିତ କରିବାରେ କୋଲେଓ୍ୱାଡି ହେଉଛି ମହାରାଷ୍ଟ୍ରର ଦ୍ୱିତୀୟ ଗ୍ରାମ। ପୂର୍ବରୁ ସୋଲାପୁର ଜିଲା ମାଲଶିରସ୍ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମରକଡ଼ୱାଡିର ଗ୍ରାମବାସୀ ଗତ ବିଧାନସଭା ନିର୍ବାଚନରେ ଇଭିଏମ୍ ଜାଲିଆତି ହୋଇଥିବା ଅଭିଯୋଗ କରି ରି–ପୋଲିଂ କରାଇବା ପାଇଁ ଗ୍ରାମସଭାରେ ସଂକଳ୍ପ ପାରିତ କରାଇବାକୁ ଚେଷ୍ଟା କରିଥିଲେ। ତେବେ ସୋଲାପୁର ଜିଲା ପ୍ରଶାସନ ଓ ସ୍ଥାନୀୟ ପୋଲିସ ଗ୍ରାମବାସୀଙ୍କ ଉକ୍ତ ପ୍ରୟାସକୁ ବିଫଳ କରିବା ସହ ଘଟଣାକୁ ନେଇ ମାମଲା ରୁଜୁ କରିଥିଲେ। କୋଲେଓ୍ୱାଡ଼ି ଗ୍ରାମ କରାଡ୍ (ଦକ୍ଷିଣ) ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଆସୁଛି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ୍ ଚୌହାନ ୨୦୧୪ ଓ ୨୦୧୯ରେ ୨ ଥର ପାଇଁ କରାଡ୍ (ଦକ୍ଷିଣ) ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ଗତ ବିଧାନସଭା ନିର୍ବାଚନରେ ଭାଜପା ପ୍ରାର୍ଥୀ ଅତୁଲ ଭୋସ୍‌ଲେଙ୍କଠାରୁ ୩୯ ହଜାର ୩୫୫ ଭୋଟରେ ପରାସ୍ତ ହୋଇଥିଲେ। କୋଲେଓ୍ୱାଡ଼ିର ସରପଞ୍ଚଙ୍କ ସ୍ୱାମୀ ଶଙ୍କରରାଓ ପାଟିଲ କହିଛନ୍ତି, ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଏତେ ବଡ଼ ବ୍ୟବଧାନରେ ହାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେଣୁ ଇଭିଏମ୍ ଦ୍ୱାରା କରାଯାଉଥିବା ଭୋଟିଂକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି। ସେ କହିଛନ୍ତି, କୋଲେଓ୍ୱାଡ଼ି ପରି ରାଜ୍ୟର ଅଧିକାଂଶ ଗ୍ରାମ ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ବାଲଟ ପେପରରେ ନିର୍ବାଚନ ହେଉ ବୋଲି ଚାହୁଁଛନ୍ତି। ନିର୍ବାଚନ ଆୟୋଗ(ଇସି) ଏଥିପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ଆଗାମୀ ଦିନରେ କେବଳ ବାଲଟ ପେପରରେ ନିର୍ବାଚନ କରାଗଲେ ଯାଇ ଗ୍ରାମବାସୀ ମତଦାନ କରିବେ। ନଚେତ ମତଦାନର ବହିଷ୍କାର କରାଯିବ ବୋଲି ଶଙ୍କର କହିଛନ୍ତି। ତେବେ କୋଲେଓ୍ୱାଡ଼ି ଗ୍ରାମସଭା ଦ୍ୱାରା ପାରିତ ହୋଇଥିବା ଏହି ସଂକଳ୍ପନାମାର କପି ତାଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିନାହିଁ ବୋଲି ସତରା ଜିଲାପାଳ ଜିତେନ୍ଦ୍ର ଡୁଡି କହିଛନ୍ତି। ସଂକଳ୍ପନାମାର କପି ମିଳିବା ମାତ୍ରେ ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସେ କହିଛନ୍ତି।

## ଇଭିଏମ୍ ଅମେଳକୁ ଇସିଙ୍କ ଖଣ୍ଡନ

ମୁମ୍ବାଇ,୧୦।୧୨




ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଏବଂ ଭୋଟର ଭେରିଫାଏବ୍ଲ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ସ୍ଲିପ୍ ମଧ୍ୟରେ ଅମେଳ ଦେଖାଦେଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଆଣିଥିଲେ। ଭାରତର ନିର୍ବାଚନ କମିଶନ (ଇସିଆଇ) ମଙ୍ଗଳବାର ଏହାକୁ ଖଣ୍ଡନ କରିଛନ୍ତି। ପ୍ରତି ନିର୍ବାଚନ ମଣ୍ଡଳୀରୁ ଚୟନ ହୋଇଥିବା ୫ଟି ବୁଥ୍‌ର ଇଭିଏମ୍ ଭୋଟ ତଥ୍ୟ ସହ ଭିଭିପିଏଟ୍ ସ୍ଲିପ୍ ଗଣନା ବାଧ୍ୟତାମୂଳକ। ନଭେମ୍ବର ୨୩ରେ ଭୋଟ ଗଣନା ବେଳେ ଗଣନା ପର୍ଯ୍ୟବେକ୍ଷକ ଏବଂ ପ୍ରାର୍ଥୀମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ନିୟମ ଅନୁଯାୟୀ ୨୮୮ ନିର୍ବାଚନ ମଣ୍ଡଳୀର ୧,୪୪୦ ଭିଭିପିଏଟିର ସ୍ଲିପ୍ ଗଣାଯାଇଥିଲା। ଏଥିରେ ଇଭିଏମ୍ ତଥ୍ୟ ଏବଂ ଭିଭିପିଏଟି ସ୍ଲିପ୍ ଗଣନାରେ କୌଣସି ଅମେଳ ହୋଇ ନ ଥିଲା ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି। ତେବେ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳରେ ଇଭିଏମ୍ ଜରିଆରେ ଅନିୟମିତତା ହୋଇଥିବା ଦର୍ଶାଇ ଇଣ୍ଡିଆ ବ୍ଲକ୍ ପକ୍ଷରୁ ଆସନ୍ତା ଶୁକ୍ରବାର ସୁପ୍ରିମକୋର୍ଟଙ୍କ ନିକଟରେ ଏକ ଆବେଦନ ଦାଖଲ କରାଯିବ। ଏନେଇ ଏନ୍‌ସିପି(ଏସ୍‌ପି) ନେତା ପ୍ରଶାନ୍ତ ଜଗ୍‌ତପ୍ ସୂଚନା ଦେଇଛନ୍ତି।

# 'ସବୁ ମହିଳା ମୋ ଗର୍ଲଫ୍ରେଣ୍ଡ୍' ମନ୍ତବ୍ୟକୁ ବିରୋଧ

## ଡାବୁଗାଁ ବିଧାୟକ ମହିଳାଙ୍କୁ କ୍ଷମା ମାଗନ୍ତୁ: ଭାଜପା ମହିଳା ମୋର୍ଚ୍ଚା



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।

ନବରଙ୍ଗପୁର,୧୦।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଲୋକ ମହୋତ୍ସବ ମଣ୍ଡେଇ ଉଦ୍‌ଯାପନୀ ଦିବସରେ ଡାବୁଗାଁର ବିଜେଡି ବିଧାୟକ ମନୋହର ରନ୍ଧାରୀ ଅତିଥିଭାବେ ଯୋଗଦେଇ ନିଜର ଉଦ୍‌ବୋଧନରେ ଯେତେ ପୁରୁଷ ପିଲା ଅଛନ୍ତି ମୋର ବୟଫ୍ରେଣ୍ଡ ଓ ମହିଳା ମୋର ଗର୍ଲଫ୍ରେଣ୍ଡ ବୋଲି କହିଥିଲେ। ଏ ପ୍ରକାର ମନ୍ତବ୍ୟ ଅତ୍ୟନ୍ତ ଲଜ୍ଜାକର ଓ ଭାଜପା ଏହାକୁ ନିନ୍ଦା କରୁଛି ବୋଲି ଜିଲା ମହିଳା ଭାଜପା ପକ୍ଷରୁ କୁହାଯାଇଛି। ବିଧାୟକ ସମସ୍ତ ମହିଳାଙ୍କୁ କ୍ଷମା ମାଗନ୍ତୁ ବୋଲି ମଙ୍ଗଳବାର ଜିଲା ମହିଳା ଭାଜପା ଖବରଦାତା ସମ୍ମିଳନୀ କରି ଦାବି କରିଛି। ଏହା ନ କଲେ ଭାଜପା ମହିଳା ମୋର୍ଚ୍ଚା ମହିଳା କମିଶନରଙ୍କ ଦ୍ୱାରସ୍ଥ ହେବ ବୋଲି ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶର୍ମିଷ୍ଠା ଦେଓ ଚେତାବନୀ ଦେଇଛନ୍ତି।

ଶର୍ମିଷ୍ଠା କହଛନ୍ତି, ମଣ୍ଡେଇ ଜିଲାର କଳା ଓ ସଂସ୍କୃତିର ପର୍ବ। ମଣ୍ଡେଇ ସାମାଜିକ, ଅର୍ଥନୈତିକ ଓ କୃଷିଭିତ୍ତିକ ପ୍ରଦର୍ଶନୀର ମାଧ୍ୟମ। ଏପରି ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଡାବୁଗାଁ ବିଧାୟକ ରନ୍ଧାରୀ ନିଜ ଉଦ୍‌ବୋଧନରେ ସମସ୍ତ ମହିଳା ମୋର ଗର୍ଲଫ୍ରେଣ୍ଡ୍ ଭଳି ଆଶାଳୀନ ମନ୍ତବ୍ୟ ଦେଇଥିଲେ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ମମତା ମହାରଣା, କିଶୋରୀ ପଟ୍ଟନାୟକ, ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ ଓ କାହ୍ନୁ ଦାସ ଯୋଗଦେଇଥିଲେ। ତେବେ ରନ୍ଧାରୀଙ୍କ ମତାମତ ପାଇଁ ଫୋନ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ପୁରୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ପୁରୀ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ପୁରୀ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ରାଜେଶ କୁମାର ଅଗ୍ରବାଲା, ୨) ଶ୍ରୀ ଅଶୋକ କୁମାର ଅଗ୍ରବାଲା, ୩) ଶ୍ରୀ ଦୀପକ କୁମାର ଅଗ୍ରବାଲା / ଗ୍ୟାରେଣ୍ଟିଦାତାମାନେ: ୧) ପୁନମ ଅଗ୍ରବାଲା, ୨) ମୀନା ଅଗ୍ରବାଲା, ୩) କ୍ରୀଷ୍ଣା ଅଗ୍ରବାଲା, ସମସ୍ତଙ୍କ ଠିକଣା- ସା: ସୁଆର ସାହି, ନହର ଗଳି ନିକଟ, ଜିଲ୍ଲା: ପୁରୀ, ପିନ୍-୭୫୨୦୦୧ | ତା.୧୩.୦୯.୨୦୨୪ରିଖ ସୁଦ୍ଧା ଟ.୨୩,୨୯,୭୮୧.୨୦ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୩.୦୯.୨୦୨୪ / ୦୫.୧୨.୨୦୨୪ | ୧) ଶ୍ରୀ ରାଜେଶ କୁମାର ଅଗ୍ରବାଲା, ୨) ଶ୍ରୀ ଅଶୋକ କୁମାର ଅଗ୍ରବାଲା, ୩) ଶ୍ରୀ ଦୀପକ କୁମାର ଅଗ୍ରବାଲାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୬୭, ପ୍ଲଟ୍ ନଂ.: ୩୬୦, କ୍ଷେତ୍ର: ଏକର୦.୧୨୦ ଡିସିମିଲ, ମୌଜା: ଦୋଳମଣ୍ଡପ ସାହି-୧, ଥାନା: ପୁରୀ ଟାଉନ୍, ତହସିଲ: ପୁରୀ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗଣେଶ୍ୱର ପାତ୍ର ଏବଂ ଅନ୍ୟମାନେ, ଦକ୍ଷିଣ: ନାରାୟଣ ମିଶ୍ର, ପୂର୍ବ: ସୁଇପର ପାଥ, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୦.୧୨.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

